
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୨ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 22 MARCH 2025
Vol.No. 36 ■ No.76 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଆମେରିକାର ମଧ୍ୟସ୍ଥତା ଭିତରେ ଋଷ ଉପରେ ୟୁକ୍ରେନର ବଡ ଆକ୍ରମଣ: କ୍ରେମଲିନର ସାମରିକ ଘାଟିରେ ବୋମା ବର୍ଷା

**■୨୪ ଘଣ୍ଟା ଭିତରେ ରୁଷର ପାଲଟା ଜବାବ**
**■ୟୁକ୍ରେନର ୮ଟି ଅଞ୍ଚଳରେ ୨ଶହଟି ଡ୍ରୋନ ମାଡ଼**



ନୂଆଦିଲ୍ଲୀ, ୨୧/୩ : ଗୋଟିଏପଟେ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ ହେବା ନେଇ କଥାବାର୍ତ୍ତା ଚାଲିଥିବା ବେଳେ ୟୁକ୍ରେନ୍ ରୁଷ ଉପରେ କରିଛି ବଡ ଆକ୍ରମଣ । ଏମିତି କି ୟୁକ୍ରେନ୍- ରୁଷ୍ ମଧ୍ୟରେ ଯୁଦ୍ଧବିରତି ନିମନ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଦ୍ୟମ ଜାରି ରଖିଛନ୍ତି । ଉଭୟ ଦେଶ ପରସ୍ପର ଉପରକୁ ଘାତକ ଆକ୍ରମଣ ଜାରି ରଖିଛନ୍ତି । ରୁଷର ଆଣବିକ ବୋମାବର୍ଷୀ ବିମାନ ଥିବା ଘାଟି ଉପରେ ୟୁକ୍ରେନ୍ ଡ୍ରୋନ୍ ଆକ୍ରମଣ କରିଛି । ଏହି ଘାଟିଟି ରୁଷ୍-ୟୁକ୍ରେନ୍ ସୀମାଠାରୁ ପ୍ରାୟ ୭୦୦ କିମି ଦୂରରେ ଅବସ୍ଥିତ । ଆକ୍ରମଣ ଯୋଗୁ ଆକାଶରେ ବହୁ ଉଚ୍ଚ ପର୍ଯ୍ୟନ୍ତ ନିଆଁ ଓ ଧୂଆଁ ଦେଖିବାକୁ ମିଳିଛି । ନିକଟରେ ଥିବା କେତେକ ଘର ସହିତ ହସ୍ପିଟାଲ ଆଦି କ୍ଷତିଗ୍ରସ୍ତ ହୋଇଛି । ସାରାଟୋଭର ଗଭର୍ଣ୍ଣର କହିଛନ୍ତି, ଏଙ୍ଗେଲସ ସହରରେ ଡ୍ରୋନ୍ ମାଡ଼ ଫଳରେ ଏୟାରଫିଲ୍ଡରେ ନିଆଁ ଲାଗିଯାଇଥିଲା, ଆଖପାଖର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ବୋଲି ଋଷ କହିଛି । ଅନ୍ୟପଟେ ବୁଧବାର ରାତିସାରା ଇସ୍ରାଏଲ ଗାଜା ଉପରେ ବୋମା ବର୍ଷା କରିଛି । ଅନେକ ଘରକୁ ଟାର୍ଗେଟ୍ କରି ଇସ୍ରାଏଲ ଆକ୍ରମଣ କରିଥିବାରୁ ଏଥିରେ ମହିଳା, ଶିଶୁଙ୍କ ସମେତ ୯୫ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଥିବା ପାଲେଷ୍ଟାଇନ ସ୍ୱାସ୍ଥ୍ୟ ମନ୍ତ୍ରାଳୟ କହିଛି । ଇସ୍ରାଏଲ ବିମାନ ଆକ୍ରମଣରେ ମଙ୍ଗଳବାର କେବଳ ୪୦୦ରୁ ଅଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଥିଲା । ଜାନୁଆରିରେ ଯୁଦ୍ଧବିରତି ହେବାପରେ ଇସ୍ରାଏଲ ପ୍ରଥମ ଥର ପାଇଁ ଗାଜାରେ ସ୍ଥଳ ଅପରେସନ୍ ଆରମ୍ଭ କରିଛି । ଗାଜାକୁ ଖାଦ୍ୟ, ଇନ୍ଧନ ସମେତ ଅନ୍ୟାନ୍ୟ ମାନବୀୟ ସହାୟତା ବନ୍ଦ କରିଦେଇଥିବା ଇସ୍ରାଏଲ ମଧ୍ୟ ହମାସ୍ ବିରୋଧରେ ଅପରେସନ୍ ଜୋରଦାର କରିବ ବୋଲି ପ୍ରତିଜ୍ଞା କରିଛି । ହମାସ ୫୯ ପଣବନ୍ଦୀଙ୍କୁ ମୁକ୍ତ ନକରିବା ପର୍ଯ୍ୟନ୍ତ ସ୍ଥଳ ଅପରେସନ୍ ଜୋରଦାର କରାଯିବ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ କହିଛନ୍ତି । ଅନ୍ୟପକ୍ଷେ ହମାସ୍ ଦାବି କରିଛି ଯେ ଗାଜାରୁ ସମ୍ପୂର୍ଣ୍ଣ ଭାବେ ଇସ୍ରାଏଲ ସେନା ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ କୌଣସି ଇସ୍ରାଏଲ ପଣବନ୍ଦୀଙ୍କୁ ଛଡାଯିବନି । ଗୋଟେ ପଟେ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ ହେବା ନେଇ କଥା ବାର୍ତ୍ତା ଚାଲିଥିବା ବେଳେ ୟୁକ୍ରେନ ରୁଷ ଉପରେ କରିଛି ବଡ ଆକ୍ରମଣ । ଏମିତିକି ୟୁକ୍ରେନ୍- ରୁଷ୍ ମଧ୍ୟରେ ଯୁଦ୍ଧବିରତି ନିମନ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଦ୍ୟମ ଜାରି ରଖିଛନ୍ତି । କିନ୍ତୁ ଉଭୟ ଦେଶ ପରସ୍ପର ଉପରକୁ ଘାତକ ଆକ୍ରମଣ ଜାରି ରଖିଛନ୍ତି । ରୁଷ୍‌ର ଆଣବିକ ବୋମାବର୍ଷୀ ବିମାନ ଥିବା ଘାଟି ଉପରେ ୟୁକ୍ରେନ ଡ୍ରୋନ୍ ଆକ୍ରମଣ କରିଛି । ଏହି ଘାଟିଟି ରୁଷ୍-ୟୁକ୍ରେନ ସୀମାଠାରୁ ପ୍ରାୟ ୭୦୦ କିମି ଦୂରରେ ଅବସ୍ଥିତ। ▶▶ପୃଷ୍ଠା ୭

# ନିଆଁ ଖୋଲିଦେଲା ନ୍ୟାୟାଧୀଶଙ୍କ କଳା ଗୁମର: ଦିଲ୍ଲୀ ହାଇକୋର୍ଟ ଜଜ୍‌ଙ୍କ ଘରୁ ୧୫ କୋଟି କ୍ୟାସ୍ ସିଜ୍



ନୂଆଦିଲ୍ଲୀ, ୨୧/୩ : ଏକ ଅଗ୍ନିକାଣ୍ଡ ପରେ ଦିଲ୍ଲୀ ହାଇକୋର୍ଟ ବିଚାରପତିଙ୍କ ଘରୁ ୧୫ କୋଟି ନଗଦ ଟଙ୍କା ମିଳିବା ଚର୍ଚ୍ଚାକୁ ନେଇ ସାରା ଦେଶରେ ଚାଞ୍ଚଲ୍ୟ । ବିଚାରବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥାକୁ ଦୋହଲାଇ ଦେଇଛି ଏଭଳି ସାଂଘାତିକ ଘଟଣା । ତେବେ ସମ୍ପୃକ୍ତ ଜଜ୍‌ଙ୍କୁ ନିଲମ୍ବନ ନକରି ତାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି ପ୍ରସ୍ତାବକୁ ନେଇ ମଧ ପ୍ରଶ୍ନ ସୃଷ୍ଟି ହୋଇଛି । ଏଭଳି ଦାଗ ଲାଗିଥିବା ବିଚାରପତିଙ୍କୁ କାହିଁକି ଆମ ପାଖକୁ ପଠାଯାଉଛି, ଆମେ କ'ଣ ଡଷ୍ଟବିନ୍ ବୋଲି ପ୍ରଶ୍ନ କରିଛି ଆହ୍ଲାବାଦ ହାଇକୋର୍ଟ ବାର୍ ଆସୋସିଏସନ୍ । ଯାହାକି ନ୍ୟାୟପାଳିକା ଭିତରେ ବି ଝଡ଼ ସୃଷ୍ଟି କରିଛି । ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ, ହୋଲି ରାତିରେ ଦିଲ୍ଲୀ ହାଇକୋର୍ଟ ଜଜ୍ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଦିଲ୍ଲୀ ସ୍ଥିତ ସରକାରୀ ବାସଭବନରେ ନିଆଁ ଲାଗିଥିଲା । ସେ ଦିଲ୍ଲୀ ବାହାରକୁ ଯାଇଥିବା ବେଳେ, ତାଙ୍କ ପରିବାର ଲୋକେ ଅଗ୍ନିଶମ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ଫାୟାର୍ ଟିମ୍ ନିଆଁ ଲିଭାଇଥିଲା ସତ, ହେଲେ ଏହି ଅଗ୍ନିକାଣ୍ଡ ଖୋଲି ଦେଇଥିଲା ଦିଲ୍ଲୀ ହାଇକୋର୍ଟ ଜଜ୍‌ଙ୍କ ବଡ଼ ଗୁମର । ନିଆଁ ଲିଭାଇବା ପରେ, ଏକ ରୁମ୍ ଭିତରେ ଗଦା ଗଦା ଟଙ୍କା ବିଡ଼ା ଦେଖି ଚମକି ପଡ଼ିଥିଲେ ଅଗ୍ନିଶମ କର୍ମଚାରୀ । ନିୟମ ଅନୁସାରେ, ଏହି ଟଙ୍କା ସଂପର୍କରେ ସେମାନଙ୍କୁ ରିପୋର୍ଟରେ ଉଲ୍ଲେଖ କରିବାକୁ ପଡ଼ିଥିଲା ଏବଂ ପୂରା ଘଟଣା ସାମ୍ନାକୁ ଆସିଲା । ଲୋକଙ୍କୁ ନ୍ୟାୟ ଦେବାର ଶପଥ ନେଇଥିବା ଜଣେ ହାଇକୋର୍ଟ ଜଜ୍‌ଙ୍କ ଘରୁ ଏଭଳି ବିପୁଳ ନଗଦ ଟଙ୍କା ଠାବ ହେବା ଖୋଦ୍ ବିଚାରପତିଙ୍କୁ ଯେତିକି ପ୍ରଶ୍ନଘେରକୁ ଟାଣିଛି, ବିଚାରବ୍ୟବସ୍ଥାର ନିରପେକ୍ଷତାକୁ ନେଇ ମଧ ପ୍ରଶ୍ନ ସୃଷ୍ଟି କରିଛି । କେଉଁଠୁ ଏତେ କ୍ୟାସ୍ ଆଣିଲେ ଜଷ୍ଟିସ୍ ବର୍ମା ? କାହିଁକି ଏତେ ନଗଦ ଟଙ୍କା ଘରେ ଲୁଚାଇଥିଲେ ? ▶▶ପୃଷ୍ଠା ୭

## ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ

ଭୁବନେଶ୍ୱର, ୨୧/୩ (ନି.ପ୍ର): ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ହେଲେ ଜଷ୍ଟିସ୍ ହରିଶ ଟଣ୍ଡନ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଟଣ୍ଡନଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେଇଛନ୍ତି । ଏନେଇ ଆଇନ୍ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବର୍ତ୍ତମାନ କଲିକତା ହାଇକୋର୍ଟର ବିଚାରପତି ଅଛନ୍ତି ଜଷ୍ଟିସ୍ ଟଣ୍ଡନ । କିଛି ଦିନ ପୂର୍ବରୁ ତାଙ୍କ ନାଁ ସୁପାରିଶ କରିଥିଲେ ସୁପ୍ରିମକୋର୍ଟ କଲେଜିୟମ୍ ।ଜଷ୍ଟିସ ଟଣ୍ଡନଙ୍କ ନିଯୁକ୍ତି ନେଇ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଟ୍ୱିଟ୍ କରିଛନ୍ତି ।

## କର୍ଣ୍ଣାଟକ ବିଧାନସଭାରୁ ୧୮ ବିଜେପି ବିଧାୟକ ୬ ମାସ ପାଇଁ ନିଲମ୍ବିତ

ନୂଆଦିଲ୍ଲୀ, ୨୧/୩ : କର୍ଣ୍ଣାଟକ ବିଧାନସଭାରୁ ୧୮ ଜଣ ବିଜେପି ବିଧାୟକଙ୍କୁ ନିଲମ୍ବିତ କରାଯାଇଛି। 'ହନି ଟ୍ରାପ୍' ମାମଲା ପ୍ରସଙ୍ଗରେ ହଙ୍ଗାମା କରିବା ଏବଂ ଗୃହର କାର୍ଯ୍ୟରେ ବାଧା ସୃଷ୍ଟି କରିବା ପାଇଁ ବିଧାନସଭା ବାଚସ୍ପତି ୟୁଟି ଖାଦେର ଶୁକ୍ରବାର ୧୮ ଜଣ ବିଜେପି ବିଧାୟକଙ୍କୁ ▶▶ପୃଷ୍ଠା ୭



## ଆଜି ବି ଅଚଳ ବିଧାନସଭା: ଗୃହରେ ଘଣ୍ଟ-ପେଁକାଳୀ ବଜାଇଲେ କଂଗ୍ରେସ ବିଧାୟକ

ଭୁବନେଶ୍ୱର, ୨୧/୩ (ନି.ପ୍ର): ଗୃହ ଆରମ୍ଭରୁ ବିରୋଧୀଙ୍କ ପ୍ରବଳ ହଙ୍ଗଗୋଳ । ବିଧାନସଭାରେ ବାଜିଲା ଘଣ୍ଟ, ପେଁକାଳୀ । କଳା ପୋଷାକରେ ଗୃହ ଭିତରେ ଘଣ୍ଟ ବାଡ଼େଇଲେ କଂଗ୍ରେସ ସଦସ୍ୟ । ଫଳରେ ଆଜି ପୁଣି ଅଚଳ ହୋଇଛି ବିଧାନସଭା । ନାରୀ ସୁରକ୍ଷା ପ୍ରସଙ୍ଗରେ ଗୃହରେ ଘଣ୍ଟ ବାଡ଼େଇ



ପ୍ରତିବାଦ କରିଛନ୍ତି କଂଗ୍ରେସ ବିଧାୟକ । କଳା ଡ୍ରେସ୍ ପିନ୍ଧି ବିଧାନସଭାକୁ ଆସିଲେ, ପ୍ରଶ୍ନକାଳ ଆରମ୍ଭରୁ ଘଣ୍ଟ ବାଡ଼େଇ ପ୍ରବଳ ହୋହଲ୍ଲା କଲେ । ଯାହାଫଳରେ ସାଢ଼େ ୧୧ ଯାଏଁ ଗୃହକୁ ମୁଲତବି ରଖିଲେ ବାଚସ୍ପତି ସୁରମା ପାଢୀ । କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ▶▶ପୃଷ୍ଠା ୭

## ବାଲିଯାତ୍ରାକୁ ଐତିହ୍ୟ ମାନ୍ୟତା ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୨୧/୩ (ନି.ପ୍ର): କଟକ ବାଲିଯାତ୍ରାକୁ ଐତିହ୍ୟ ମାନ୍ୟତା ଦେବାକୁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବିଧାନସଭାରେ ଲିଖିତ ଉତରରେ ଏହା ଜଣାଇଛନ୍ତି। ମନ୍ତ୍ରୀ କହିଛନ୍ତି ବାଲିଯାତ୍ରା ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ଥିବା ବିଶେଷଜ୍ଞଙ୍କୁ ▶▶ପୃଷ୍ଠା ୭

## ଆୟୁଷ୍ମାନ ଭାରତ ଯୋଜନା ସମେତ ୧୦ ପ୍ରସ୍ତାବକୁ ମିଳିଲା କ୍ୟାବିନେଟ୍‌ରେ ମଞ୍ଜୁରୀ







ଭୁବନେଶ୍ୱର, ୨୧/୩ (ନି.ପ୍ର): ରାଜ୍ୟ କ୍ୟାବିନେଟରେ ୭ଟି ବିଭାଗ(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇସ୍ପାତ ଓ ଖଣି, ପୂର୍ତ୍ତ, ସାଧାରଣ ପ୍ରଶାସନ, ଜଳ ସଂପଦ, ପଞ୍ଚାୟତିରାଜ ଓ ପାନୀୟଜଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା)ରେ ୧୦ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ସନ୍ଧ୍ୟାରେ ଏନେଇ ଗୃହରେ ସୂଚନା ଦେଇଛନ୍ତି। ଶ୍ରୀ ମାଝୀ କହିଛନ୍ତି, ରାଜ୍ୟ ସରକାର ଆୟୁଷ୍ମାନ ଭାରତ ଯୋଜନାକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ଦେଇଛନ୍ତି। ଏହା ଦ୍ୱାରା ରାଜ୍ୟର ୩ କୋଟି ୪୬ ଲକ୍ଷ ଲୋକ ଉପକୃତ ହେବେ। ୭୦ ବର୍ଷ ବୟସରୁ ଅଧିକ ଲୋକଙ୍କ ଲାଗି 'ଆୟୁଷ୍ମାନ ବାୟୋ ବନ୍ଧନ'କୁ ମଞ୍ଜୁରୀ ମିଳିଛି। ସେହିପରି ପରିବାର ପିଛା ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କୁ ଅତିରିକ୍ତ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ମିଳିବ। ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ମିଳିତ ଭାବେ କାମ କରିବ। ଏହି ଯୋଜନା ଦ୍ୱାରା ହିତାଧିକାରୀମାନେ କ୍ୟାସ୍‌ଲେସ୍ ସୁବିଧା ପାଇପାରିବେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ସରକାର ରାଜ୍ୟ ସଡ଼କ ନୀତିକୁ କ୍ୟାବିନେଟରେ ଅନୁମୋଦନ ଦେଇଛନ୍ତି। ▶▶ପୃଷ୍ଠା ୭

## ଚେନ୍ନାଇ ସୀମା ପୁନଃ ନିର୍ଦ୍ଧାରଣ ବୈଠକରେ ଯୋଗଦେବ ବିଜେଡି

ଭୁବନେଶ୍ୱର, ୨୧/୩ (ନି.ପ୍ର): ଚେନ୍ନାଇଠାରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.ଷ୍ଟାଲିନ୍ ଙ୍କ ଦ୍ୱାରା ଆହୁତ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ପ୍ରଭାବିତ ହେବାକୁ ଥିବା ରାଜ୍ୟର ନେତୃମଣ୍ଡଳୀଙ୍କ ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକରେ ଯୋଗଦେବାକୁ ବିଜୁ ଜନତା ଦଳ ତରଫରୁ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳର ପ୍ରତିନିଧି ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ଡ଼ ଅମର ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ତଥା ଦଳର କାର୍ଯ୍ୟକ୍ରମ ରୂପାୟନ କମିଟିର ଅଧ୍ୟକ୍ଷ ସଂଜୟ କୁମାର ଦାସବର୍ମା ଆଜି ଚେନ୍ନାଇ ଯାତ୍ରା କରିଛନ୍ତି । ଆସନ୍ତାକାଲି ଏହି ବୈଠକରେ ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଓଡିଶା, କେରଳ, ପଶ୍ଚିମବଙ୍ଗ ଓ ପଞ୍ଜାବର ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୀମା ପୁନଃନିର୍ଦ୍ଧାରଣ ହେଲେ ଓଡିଶାର ସ୍ୱାର୍ଥ କିପରି ସୁରକ୍ଷିତ ହୋଇପାରିବ, ସେ ସଂକ୍ରାନ୍ତୀୟ ଆଲୋଚନାରେ ଅଂଶଗ୍ରହଣ କରିବା ସକାଶେ ବିଜେଡି ନିଷ୍ପତି ଗ୍ରହଣ କରିଛି।

## ଖୁସି କରିଦେଲେ ସିଦ୍ଧରମୈୟା ସରକାର: ଦୁଇଗୁଣା ବଢିଲା ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କ ଦରମା



ବେଙ୍ଗାଲୁରୁ, ୨୧/୩: ମୁଖ୍ୟମନ୍ତ୍ରୀଙ୍କ ଦରମା ହେଲା ଦୁଇଗୁଣ । ମୁଖ୍ୟମନ୍ତ୍ରୀଙ୍କ ସହିତ ବିଧାୟକମାନଙ୍କର ମଧ ଦରମା ଦୁଇଗୁଣା ବୃଦ୍ଧି ପାଇଛି । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏବଂ ବିଧାୟକଙ୍କ ଦରମା ଦୁଇଗୁଣା ହେବା ନେଇ ବିଧାନସଭାରେ ବିଲ୍ ପାସ୍ ହୋଇଛି । ତେବେ ସିଦ୍ଧରମୈୟା ସରକାର କର୍ଣ୍ଣାଟକ ବିଧାନସଭାରେ ଦରମା, ପେନସନ ଏବଂ ଭତ୍ତା (ସଂଶୋଧନ) ଆଇନ, ୨୦୨୫ ବିଲ୍ ଆଣିଥିଲେ, ଯାହାକୁ ବିଧାନସଭାରେ ଗୃହୀତ କରାଯାଇଛି । ଏହାସହିତ ସରକାରୀ ଟେଣ୍ଡରରେ ମୁସଲିମ ଠିକାଦାରମାନଙ୍କୁ ଚାରି ପ୍ରତିଶତ ସଂରକ୍ଷଣ ଦେବା ବିଲ୍ ମଧ ବିଧାନସଭାରେ ଗୃହୀତ ହୋଇଛି । ଏହି ବିଲ୍ ପାସ୍ ହେବା ପରେ, କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀଙ୍କ ଦରମା ପ୍ରତିମାସ ପିଛା ୭୫ ହଜାର ଟଙ୍କାରୁ ୧.୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ । ସେହିଭଳି ମନ୍ତ୍ରୀମାନଙ୍କ ଦରମା ୬୦ ହଜାର ଟଙ୍କାରୁ ୧.୨୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ । ଏହାବାଦ୍ କର୍ଣ୍ଣାଟକର ବିଧାୟକମାନେ ମଧ ୪୦ ହଜାର ଟଙ୍କାରୁ ୮୦ ହଜାର ଟଙ୍କାକୁ ବୃଦ୍ଧି ପାଇବ । ବିଧାନସଭା ଏବଂ ବିଧାନ ପରିଷଦରେ ମଧ ବାଚସ୍ପତିଙ୍କ ଦରମା ବୃଦ୍ଧି କରାଯାଇଛି । ତାଙ୍କର ଦରମା ଏବେ ମାସିକ ୭୫ ହଜାର ଟଙ୍କାରୁ ୧.୨୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଏହି ବିଲରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ବିଧାୟକମାନଙ୍କ ସହିତ ବିଧାନ ପରିଷଦର ଉପାଧ୍ୟକ୍ଷ, ବିଧାନସଭାର ଉପ ବାଚସ୍ପତି, ବିଧାନସଭାର ବିରୋଧୀ ଦଳ ନେତା, ଶାସକ ଦଳ ଏବଂ ବିରୋଧୀ ଦଳର ମୁଖ୍ୟ ସଚେତକଙ୍କ ଦରମା ଏବଂ ଭତ୍ତା ବୃଦ୍ଧି ପାଇଁ ବ୍ୟବସ୍ଥା ଅଛି । ଜନପ୍ରତିନିଧିଙ୍କ ଖାଦ୍ୟ, ଘର ଏବଂ ଯାତ୍ରା ସମେତ ସମସ୍ତ ଭତ୍ତାର ପରିମାଣ ବୃଦ୍ଧି କରାଯାଇଛି ।

## ବନ୍ଦ ହେବ ନାହିଁ ବ୍ୟାଙ୍କ: ସ୍ଥଗିତ ରହିଲା ୨ ଦିନିଆ ବ୍ୟାଙ୍କ ଧର୍ମଘଟ




ଭୁବନେଶ୍ୱର, ୨୧/୩ (ନି.ପ୍ର): ବନ୍ଦ ହେବ ନାହିଁ ବ୍ୟାଙ୍କ । ସ୍ଥଗିତ ରହିଲା ୨ ଦିନିଆ ବ୍ୟାଙ୍କ ଧର୍ମଘଟ । ୨୪ ଓ ୨୫ରେ ହେବାକୁ ଥିବା ବ୍ୟାଙ୍କ ଧର୍ମଘଟ ସ୍ଥଗିତ ରହିଲା । ବ୍ୟାଙ୍କ ସଙ୍ଘର ଦାବିକୁ ଶୁଣିବାକୁ ସରକାର ରାଜି ହୋଇଛନ୍ତି ବୋଲି ବ୍ୟାଙ୍କ ଧର୍ମଘଟ ବନ୍ଦ ରହିଲା । ଦୁଇ ମାସ ଭିତରେ ଦାବି ବିଚାର ନେଇ ପ୍ରତିଶ୍ରୁତି ମିଳିଛି ବୋଲି ସଙ୍ଘ କହିଛି । ଦାବି ଶୁଣିବାକୁ ପ୍ରତିଶ୍ରୁତି ପରେ ବ୍ୟାଙ୍କ ଧର୍ମଘଟ ସ୍ଥଗିତ କରାଯାଇଛି । ସୂଚନାମୁତାବକ, ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିଅନ୍ସ ଏହି ବନ୍ଦ ଡାକରା ଦେଇଥିଲା । ମୋଟ ୯ଟି ଦାବି ନେଇ ଏହି ଧର୍ମଘଟ କରିବାକୁ ପ୍ରସ୍ତୁତ ଥିଲା ୟୁନାଇଟେଡ ▶▶ପୃଷ୍ଠା ୭

# ଅଙ୍ଗନବାଡି କର୍ମୀଙ୍କ ନାମରେ ଜିଲ୍ଲାପାଳଙ୍କୁ ଅଭିଯୋଗ

ମାଲକାନଗିରି ,୨୧/୩ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଝରାପାଲି ପଞ୍ଚାୟତ ଅନ୍ତର୍ଗତ କନାଗୁଡା ଗ୍ରାମର ଅଙ୍ଗନବାଡି କର୍ମୀ ଶ୍ରୀମତୀ ଶ୍ରୀତି ଢାଲି ଉକ୍ତ ଗ୍ରାମର ଜଣେ ବିଧବା ମହିଳା ରତ୍ନା ପଡିଆମୀ ଙ୍କ ଠାରୁ ଲେବର କାର୍ଡ ରେ ତାଙ୍କ ସ୍ୱାମୀଙ୍କ ଇନ୍ସୁରାନ୍ସ ଟଙ୍କା ୧ଲକ୍ଷ ମିଳାଇ ଦେବା ପାଇଁ କହି ତାଙ୍କଠାରୁ ସମସ୍ତ କାଗଜପତ୍ର ନେଇ ୧ ବର୍ଷ ତଳେ ନେଇ ଲେବର ଅଫିସରେ ଦାଖଲ କରିଥିଲେ । ଗତ ତା ୧୬/୧/୨୦୨୪ ରିଖରେ ୧ଲକ୍ଷ ଟଙ୍କା ତାଙ୍କ ଜମା ଖାତାରେ ଆସିଥିବା ଜାଣି ଅଙ୍ଗନବାଡି କର୍ମୀ ରତ୍ନାଙ୍କୁ ୧୮/୧/୨୦୨୪ରିଖ ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ପଦ୍ମଗିରି ଶାଖାକୁ ଡାକି ନେଇ ସମସ୍ତ ଟଙ୍କା ଉଠାଇ ତାଙ୍କୁ ୪୦ ହଜାର ଦେଇଥିଲେ ଓ ବଳକା ବଡ ଅଫିସର ଙ୍କୁ ଦେବା ପାଇଁ କହି ରଖିଥିଲେ ଏବଂ ଏହାକୁ କାହାକୁ ନ କହିବାକୁ କହିଥିଲେ କିନ୍ତୁ ଏହି କଥା ଗ୍ରାମର କିଛି ଭଦ୍ର ବ୍ୟକ୍ତି ଜାଣିବା ପରେ ଅଙ୍ଗନବାଡି କର୍ମୀ ତାଙ୍କୁ ଗାଳିଗୁଲଜ କରି ସେ କିଛି ଟଙ୍କା ରଖିନଥିବା କଥା କହି ଫାଙ୍କି ଦେଇଥିଲେ । ଏମିତିକି ଉକ୍ତ ଅଙ୍ଗନବାଡି କର୍ମୀ ଉକ୍ତ ଗ୍ରାମର ଅନ୍ୟ ୫୦ ରୁ ଉର୍ଦ୍ଧ ଲୋକଙ୍କଠାରୁ ଲେବର କାର୍ଡ କରାଇଦେବା ପାଇଁ ଜଣ ପିଛା ୭୦୦ଟ ଙ୍କାଲେଖାଏଁ ଆଦାୟ କରି ୧ବର୍ଷ ହେଲା ନେଇଯାଇଥିବା କଥା ମଧ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏନେଇ ରତ୍ନା ପଡିଆମୀ, ବିଜୟ ମାଡକାମୀ, ମୁକୁନ୍ଦ ପଡିଆମୀ,ଚନ୍ଦ୍ର ପଡିଆମୀ ପ୍ରମୁଖ ୫୦ ରୁ ଉର୍ଦ୍ଧ ଗ୍ରାମବାସୀ ମାନେ ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରି ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଜଣାଇଛନ୍ତି ।

# ନବକଳେବର ରୋଡ଼ ଭଡାଘରୁ ବିପୁଳ ପରିମାଣର ବାଣ ଜବତ

ପୁରୀ,୨୧/୩ (ନି.ପ୍ର): କୁମ୍ଭାରପଡ଼ା ଥାନା ନିକଟରେ ଭଡା ଘରେ ପୂଜା ସାମଗ୍ରୀ ବିକିବା ନାମରେ ଚାଲିଥିଲା ବାଣ ବ୍ୟବସାୟ ।ବେଆଇନ ଭାବେ ବାଣ ମହଜୁଦ ରଖିବା ଅଭିଯୋଗରେ ପୁରୀ ପୋଲିସ ଆଜି ବିପୁଳ ମାତ୍ରାରେ ବାଣ,ବାରୁଦ,ବାଣ ପ୍ରସ୍ତୁତି ସାମଗ୍ରୀ ସହ କୋଇଲା ଆଦି ଜବତ କରିଛି । ବ୍ୟବସାୟୀଙ୍କୁ ଗିରଫ କରିବା ସହ ଉକ୍ତ ଘରକୁ ସିଲ କରିଛି ।ସ୍ଥାନୀୟ ବାସିନ୍ଦା ଭଡାଘରେ ବାଣ ରଖିବା ନେଇ ଜାଣିନଥିବା କହିଛନ୍ତି । କୁମ୍ଭାରପଡ଼ା ପୋଲିସ ଥାନା ନିକଟରେ ଏଭଳି ବାଣ ମହଜୁଦ ରହିବା ଖବର ଜାଣି ନ ପାରିବା ନେଇ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ଘର ମାଲିକ ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀ । ତାଙ୍କ ଘରେ ବେଆଇନ ଭାବେ ବାଣ ରହିବା ନେଇ ଖବର କିପରି ପୋଲିସ ଜାଣି ପାରିଲେ ନାହିଁ ।ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ । ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାହିବାସିନ୍ଦା ଦାବି କରିଛନ୍ତି । ବାସେଲି ସାହିର ବାଣ ବ୍ୟବସାୟୀ ଅଜିତ ସେନାପତିଙ୍କୁ ଗିରଫ କରିଛି ।ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଘଟଣା ସ୍ଥଳରେ ସିଟି ଡିଏସପି ଙ୍କ ନେତୃତ୍ୱରେ ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଉକ୍ତ ଘରୁ ସମସ୍ତ ବାଣ, ବାରୁଦ, କୋଇଲା, ବାଣ ପ୍ରସ୍ତୁତି ସାମଗ୍ରୀକୁ ଜବତ କରିଥିଲା । ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ପାଣି ପକାଇ ବିପଦ ମୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା । ଗତବର୍ଷ ନରେନ୍ଦ୍ର ପୁଷ୍କରିଣୀରେ ବାଣ ବିସ୍ଫୋରଣ ଘଟିବା ଓ ନିକଟରେ ପୁଣି ବାଣ ଉକ୍ତ ସ୍ଥାନରେ ଫୁଟିବା ନେଇ ପ୍ରଶ୍ନ ଉଠିଥିଲା । ସେହି ଅଂଚଳ ନିକଟରେ ବିପୁଳ ସଂଖ୍ୟାରେ ବାଣ,ବାରୁଦ ଜବତ କରିବା ପୋଲିସ ପାଇଁ ଏକ ସଫଳତା ଆଣିଦେଇଛି । କୁମ୍ଭାରପଡ଼ା ନିକଟରେ ଏତେ ପରିମାଣରେ ବାଣ ମହଜୁଦ ରହିବା ସମ୍ପର୍କରେ ପୋଲିସ ଜାଣି ନପାରିବା ନେଇ ପ୍ରଶ୍ନ ବାଚି ସୃଷ୍ଟି କରିଛି । ଭଡାଘରେ କିପରି ବାଣ ରଖାଗଲା ଓ ଘର ମାଲିକ କିପରି ଜାଣି ନପାରିଲେ ସେ ନେଇ ତଦନ୍ତ କରାଯିବ ବୋଲି ସିଟି ଡିଏସପି କହିଛନ୍ତି । କୁମ୍ଭାରପଡ଼ା ଥାନା ନିକଟରେ କେଟିଏମ୍ ଗଳିରେ ଜନୈକ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ଘରେ ଚାଲିଥିଲା ବେଆଇନ ବାଣ ବ୍ୟବସାୟ ।ଭଡା ସୂତ୍ରରେ ନେଇଥିବା ବାସେଲୀ ସାହିର ଅଜିତ ସେନାପତି ପୂଜାସାମଗ୍ରି ରଖିବା ପରିବର୍ତେ ବାଣ, ବାରୁଦ କୋଇଲା,ବାଣ ପ୍ରସ୍ତୁତି ସାମଗ୍ରୀ ମହଜୁଦ ରଖିବା ଖବର ପୋଲିସ ନା ସ୍ଥାନୀୟ ବାସିନ୍ଦା କେହି ଜାଣି ପାରିନଥିଲେ । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଭଡା ନେଇଥିବା ଲୋକ ସଦାବେଳେ ରାତିରେ ଆଖା ଓ ପେଟିରେ ସବୁ ସାମଗ୍ରୀ ଆଣି ରଖନ୍ତି ।ଆଉ ସେ କେଉଁ ସମୟରେ ଏତେ ବାଣ ମହଜୁଦ ରଖିବା ଖବର ଆମ ପାଖରେ ନାହିଁ । ଯଦି ବିସ୍ଫୋରଣ ହୋଇଥାନ୍ତା ତେବେ ଆମ ସାହିବସ୍ତି ଉଡ଼ିଯାଇଥାନ୍ତା । ଆମେ ଏକ ବଡ଼ ବିପଦରୁ ରକ୍ଷା ପାଇଗଲୁ । ପୋଲିସ ଘର ମାଲିକ ଓ ବାଣ ବ୍ୟବସାୟୀଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ସାହିବାସିନ୍ଦା ଦାବି କରିଛନ୍ତି । ସହରରେ କେତେ ବାଣ ବେଆଇନ ଭାବେ ମହଜୁଦ ଅଛି ସେ ସବୁକୁ ପୋଲିସ କେବେ ଠାବ କରିବ ଏବଂ ଆଜିର ଘଟଣାରେ ପୋଲିସ କିଭଳି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହା ଆଗକୁ ଜଣାପଡିବ ବୋଲି ସହରରେ ଚର୍ଚ୍ଚା ହେଉଛି ।

## ଆକ୍ରମଣ ମାମଲାରେ ଜଣେ ଅଭିଯୁକ୍ତ ଗିରଫ

ଜୟପୁର,୨୧/୩ (ନି.ପ୍ର): ଲାଠିରେ ଆକ୍ରମଣ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ବାଙ୍କବିଜା ଗ୍ରାମର ପୁଣ୍ଡ ପରଜା (୪୫) ।
ସୂଚନା ଅନୁଯାଇ, ୧୫.୩.୨୫ ଦିନ ବାଙ୍କବିଜାର ସନମତି ପରଜା ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଥିଲେ ଯେ, ତାଙ୍କ ବାପା ଭଗବାନ ପରଜା ଗାଇ ଚରାଇବାକୁ ଯାଇଥିଲେ । ସେହି ସମୟରେ ଅଭିଯୁକ୍ତ ପୁର୍ଣ ପରଜା ବଚସା ହେବା ସହ ଲାଠିରେ ଆକ୍ରମଣ କରିଥିଲା । ଫଳରେ ଭଗବାନଙ୍କ ଆଖିରେ ମୁଣ୍ଡରେ ଆଘାତ ହୋଇ ରକ୍ତସ୍ରାବ ହୋଇଥିଲା । ସୂଚନା ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଂଚି ଗୁରୁତର ଅବସ୍ଥାରେ ଭଗବାନକୁ ଉଦ୍ଧାର କରି ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ଭିନ୍ନକ୍ଷମଙ୍କୁ ମିଳୁନି ସରକାରଙ୍କ ଭତ୍ତା: ପ୍ରଶାସନିକ ବିଧି ବ୍ୟବସ୍ଥାରେ ପ୍ରଶ୍ନବାଚୀ

ସମ୍ବଲପୁର,୨୧/୩ (ନି.ପ୍ର): ଶାରୀରିକ ବିକଳାଙ୍ଗଙ୍କୁ ମିଳୁନି ସରକାରଙ୍କ ଭିନ୍ନକ୍ଷମ ଭତା, ପ୍ରଶାସନିକ ବିଧି ବ୍ୟବସ୍ଥା ନେଇ ଏବେ ବିଭିନ୍ନ ମହଲରୁ ଉଠିଲାଣି ପ୍ରଶ୍ନବାଚୀ । ଶତ ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ମଧ ସରକାରଙ୍କ ଭତା ଯୋଜନାରୁ ଉପଭୋକ୍ତା ବଂଚିତ । ସରକାରଙ୍କ ଭତା ଯୋଜନାର ସୁଫଳ ବଂଟନରେ ଏଭଳି ଅନିୟମିତତା ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡ଼ମାଲ ପଂଚାୟତ ଅନ୍ତର୍ଗତ ଜାମୁମାଲ ଗ୍ରାମରେ ।
ନିର୍ବାଚିତ ରାଜନୈତିକ ଦଳ ଶାସନ କଳକୁ ଆସିବା ପରେ ସମସ୍ତ ମତଦାତା ମାନଙ୍କ ଠାରୁ ପୂର୍ବ ସରକାରର ସମସ୍ତ ଆକର୍ଷଣ ହଟାଇବା ପାଇଁ ବହୁ ନୂଆ ନୂଆ ଯୋଜନା କରିଥାଆନ୍ତି । ବିଶେଷ କରି ଗରିବ ଗୁରୁବାଙ୍କ ପାଇଁ ସରକାର ଅଗ୍ରାଧିକାର ଭିତିରେ ବହୁ ଯୋଜନା କରିବା ସହ ଯୋଜନାର ସୁଫଳ ଯେପରି ପ୍ରତ୍ୟେକ ହିତାଧିକାରୀ ପାଇବେ ସେଥିପ୍ରତି ଗୁରୁତ୍ୱ ଦେଇଥାଆନ୍ତି । ଏବେ ସମସ୍ତ ଯୋଜନାର ସୁଫଳ ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯାଉଥିବା ବେଳେ ଏଥି ନିମନ୍ତେ ପ୍ରତ୍ୟେକ ଡକ୍ୟୁମେଂଟ ନିୟମାନୁଯାୟୀ ବ୍ୟାଙ୍କ ଜମାଖାତା ସହ ଲିଙ୍କ୍ ବାଧ୍ୟତାମୂଳକ ହୋଇଛି । ମାତ୍ର ଏଥିରେ ସରକାରଙ୍କ କେତେକ ନିୟମ ଓ ସହାୟତା ବାଧକ ସାଜିଥିବା ଅଭିଯୋଗ ହୋଇଛି । ଘରକୁ ଘର ଯାଇ ସମସ୍ତ ତଥ୍ୟ ନେବା ସତ୍ୱେ ସରକାର ଯୋଗାଇ ଥିବା ଭୋଟ ପରିଚୟପତ୍ର ଠାରୁ ଆରମ୍ଭ କରି ଆଧାରକାର୍ଡ ଅଧିକାଂଶ କ୍ଷେତ୍ରରେ ତୃଟି ଦେଖିବାକୁ ମିଳୁଛି । ଯାହାକୁ ସଂଶୋଧନ କରିବା ପାଇଁ କେତେବେଳେ କୋର୍ଟକୁ ଯାଇ ଆଫିଡେଫିଟ କରିବାକୁ ପଡୁଛି ତ କେତେବେଳେ ଘଣ୍ଟା ଘଣ୍ଟା ଧରି ବିଭିନ୍ନ ଜନସେବା କେନ୍ଦ୍ର ଗୁଡିକରେ ସଂଶୋଧନ ପରେ ଭୋଟ ପରିଚୟପତ୍ର, ଆଧାର କାର୍ଡ ଲିଙ୍କ୍ ସମ୍ଭବ ହେଉଛି । ସେହିପରି ଜାମୁମାଲ ଗ୍ରାମର ଅକ୍ଷୟ କୁମାର ପଟେଲ ଓ ଦୀପ୍ତିମୟୀ ପଟେଲଙ୍କ ୨୫ ବର୍ଷିୟ ପୁଅ ଆଦିତ୍ୟ ପଟେଲ ଶତ ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ମଧ ସରକାରଙ୍କ ନୂତନ ଭତା ଯୋଜନାର ସୁଫଳ ପାଇବାରୁ ଏବେ ବି ବଂଚିତ ରହିଛନ୍ତି । ଆଦିତ୍ୟ ଜନ୍ମରୁ ମାନସିକ ଓ ଶାରୀରିକ ଭିନ୍ନକ୍ଷମ । ଅକ୍ଷୟଙ୍କ କହିବାନୁଯାୟୀ, ଜନ୍ମରୁ ଆଦିତ୍ୟ ଶାରୀରିକ ଓ ମାନସିକ ଅସୁସ୍ଥତା ନେଇ ସମ୍ବଲପୁର, କଟକ, ରାଉରକେଲା, ଭୁବନେଶ୍ୱର ଭଳି ଅନେକ ସ୍ଥାନରେ ଚିକିତ୍ସା କରାଇ ଶେଷରେ ହତାଶ ହୋଇ ପଡିଛନ୍ତି । ୨୦୦୭ ମସିହାରୁ ଆଦିତ୍ୟ ଶତ ପ୍ରତିଶତ ଶାରୀରିକ ଓ ମାନସିକ ଭିନ୍ନକ୍ଷମ ବୋଲି ପ୍ରମାଣପତ୍ର ମଧ ପାଇଛନ୍ତି । ମାତ୍ର ନୂଆ ସରକାରଙ୍କ ୩ ହଜାର ୫ ଶହ ଟଙ୍କିଆ ଭତା ଯୋଜନାର ସୁଫଳରୁ ଏବେବି ଆଦିତ୍ୟ ବଂଚିତ ରହିଛନ୍ତି । ନୂତନ ଭତା ଯୋଜନାର ସୁଫଳ ପାଇଁ ବିକଳାଙ୍ଗ ପ୍ରମାଣ ପତ୍ର ସହିତ ଆଧାର କାର୍ଡ ଲିଙ୍କ୍ ବାଧ୍ୟତାମୂଳକ କରାଯାଇଛି । ଏହି ଲିଙ୍କ୍ ପାଇଁ ଆଦିତ୍ୟଙ୍କୁ ତାଙ୍କ ବାପା ଅନେକ ଥର ନେଇ ଜମନକିରା ଓ ସମ୍ବଲପୁର ଆଧାର କାର୍ଡ କେନ୍ଦ୍ର ଓ ଜନସେବା କେନ୍ଦ୍ରକୁ ଯାଇଥିଲେ ମଧ ସେଠାରେ ସଠିକ୍ ଭାବେ ଅଙ୍ଗୁଳି ଛାପ ଓ ଆଖି ସ୍କାନ ନହେବା ଯୋଗୁଁ ଆଧାର କାର୍ଡ ପ୍ରସ୍ତୁତି ଅସମ୍ଭବ ହୋଇପଡ଼ିଛି । ଫଳରେ ଭିନ୍ନକ୍ଷମ ଭତ୍ତାରୁ ଏବେବି ଆଦିତ୍ୟ ବଂଚିତ ରହିଛନ୍ତି । ଗତ ତିନିମାସ ଧରି ବିଭିନ୍ନ ସମୟରେ ଆଦିତ୍ୟଙ୍କୁ ତାଙ୍କ ବାପା ବ୍ଲକ୍ କାର୍ଯ୍ୟାଳୟ ନେଇ ଯାଉଥିଲେ ମଧ କୌଣସି ଅଧିକାରୀ ବା କର୍ମଚାରୀ ଏ ଦିଗରେ ତାଙ୍କୁ କୌଣସି ସହାୟତା କରୁନଥିବା ଯୋଗୁଁ ଭିନ୍ନକ୍ଷମ ଭତା ଯୋଜନାର ସୁଫଳ ପାଇବା ପାଇଁ ସରକାରୀ ନଥିପତ୍ରରେ ଆଦିତ୍ୟ ଯୋଗ୍ୟ ବିବେଚିତ ହୋଇପାରି ନାହାଁନ୍ତି । ସୁକାନ୍ତି ପଟେଲ ନାମ୍ନୀ ଜନୈକା ଗ୍ରାମବାସୀଙ୍କ କହିବା ଅନୁଯାଇ, ପ୍ରକୃତରେ ଆଦିତ୍ୟ ୩୫୦୦ ଟଙ୍କା ଭତା ପାଇବାକୁ ହକଦାର । ଯଦି ଆଧାର କାର୍ଡ ପାଇଁ ଭତା ପାଇବାରେ କିଛି ଅସୁବିଧା ହେଉଛି ତେବେ ହିତାଧିକାରୀଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ବିଧିବଦ୍ଧ ଯାଂଚ୍ କରି ଏ ଦିଗରେ ଆବଶ୍ୟକୀୟ ସହାୟତା ଯୋଗାଇଦେବା ଆବଶ୍ୟକ । ଜମନକିରା ବିଡ଼ିଓ ରବୀନ୍ଦ୍ର ସେଠିଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରିବାରେ 'ଆମେ ଏ ସମ୍ପର୍କରେ ଅବଗତ ଅଛୁ । ହିତାଧିକାରୀଙ୍କ ଆଧାର କାର୍ଡ ନଥିବାରୁ ଏଭଳି ସମସ୍ୟା ହୋଇଛି ଓ ଏହାର ସମାଧାନ ପାଇଁ ଆମେ ଚେଷ୍ଟା କରୁଛୁ । ଯଥାଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି ଆମେ ଆଶା କରୁଛୁ' । ତେବେ ବ୍ଲକ୍ ପ୍ରଶାସନର କାଳକ୍ଷେପଣ ନୀତି ଯୋଗୁଁ ଭତା ପାଇବାରେ ଅନିଶ୍ଚିତତା ମଧ୍ୟରେ ଥିବା ଆଦିତ୍ୟଙ୍କୁ ସମ୍ବଲପୁର ଜିଲ୍ଲା ପ୍ରଶାସନ କେବେ ନ୍ୟାୟ ପ୍ରଦାନ କରିବ ତାକୁ ହିଁ ଦେଖିବାକୁ ଅପେକ୍ଷା ।

# ଭୃଣର ଲିଙ୍ଗ ନିରୂପଣ ଓ କନ୍ୟା ସନ୍ତାନ ସୁରକ୍ଷା ସମ୍ପର୍କିତ କର୍ମଶାଳା

ପୁରୀ,୨୧/୩ (ନି.ପ୍ର): ଗର୍ଭସ୍ଥ ଭୃଣର ଲିଙ୍ଗ ନିରୂପଣ ସମ୍ପୂର୍ଣ୍ଣ ବେଆଇନ ଓ ଏଥିପାଇଁ ଆଇନ ଅନୁଯାୟୀ ଦଣ୍ଡର ବ୍ୟବସ୍ଥା ରହିଛି । ତେଣୁ ବ୍ୟାପକ ସଚେତନତା ସୃଷ୍ଟି କରି ଏହି ଘୃଣ୍ୟ କାର୍ଯ୍ୟକୁ ପ୍ରତିହତ କରିବା ଲକ୍ଷ୍ୟରେ ଏକ କର୍ମଶାଳା ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଯୋଗଦେଇ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଭାରତୀୟ ସଂସ୍କୃତି, ପୁରାଣ ଓ ଇତିହାସରେ ନାରୀକୁ ଉଚ୍ଚ ସ୍ଥାନ ଓ ସମ୍ମାନରେ ରଖାଯାଏ । ତେବେ ସାମ୍ପ୍ରତିକ ସମାଜରେ ନାରୀର ସୁରକ୍ଷା ଓ ସମ୍ମାନରେ ଅବକ୍ଷୟ ଅତ୍ୟନ୍ତ ଦୁଃଖଦ କଥା । ନାରୀ ପୁରୁଷ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି । ସମସ୍ତେ ମିଶି କନ୍ୟା ସନ୍ତାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ସେ ଅନୁରୋଧ କରିଥିଲେ । ପରିବାର କଲ୍ୟାଣ ଏଡିଏମଓ ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ଭୃଣର ସୁସ୍ଥତା, ଅବସ୍ଥା ଜାଣିବା ପାଇଁ ପରୀକ୍ଷା ନିରୀକ୍ଷା କରାଯାଇଥାଏ ଓ ତାହାରି ଆଧାରରେ ଚିକିତ୍ସା ସୁବିଧା ହୋଇଥାଏ । କିନ୍ତୁ, ଲିଙ୍ଗ ନିରୂପଣ ସମ୍ପୂର୍ଣ୍ଣ ବେଆଇନ ଓ ଅନ୍ୟାୟ ମଧ । ଏହାକୁ ପ୍ରତିହତ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନଫୋର୍ସମେଂଟ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି କହିଥିଲେ । ଶିଶୁ ସୁରକ୍ଷା ୟୁନିଟ ର ଆଇନ ପରାମର୍ଶଦାତା ସନ୍ତୋଷ କୁମାର ସାହୁ ଭୃଣର ଲିଙ୍ଗ ନିରୂପଣ ସଂକ୍ରାନ୍ତୀୟ ଆଇନ ୧୯୯୪ର ବିସ୍ତୃତ ବ୍ୟାଖ୍ୟା କରିବା ସହ ଦଣ୍ଡ ବ୍ୟବସ୍ଥା, କର୍ତବ୍ୟରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ।

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ : ଶୂନ୍ୟ କଟନି ଛଟନି ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ

ମାଲକାନଗିରି,୨୧/୩ (ନି.ପ୍ର): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦିନିକିଆ ମାଲକାନଗିରି ଗସ୍ତରେ ଆସି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ କରିଛନ୍ତି । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସମସ୍ତଙ୍କୁ ସ୍ୱାଗତ କରିବା ସହ ଖାଦ୍ୟ ଯୋଗାଣ, କୃଷି, ଉଦ୍ୟାନ କୃଷି, ସମବାୟ ସମିତି ଓ ମାପ ଓଜନ ବିଭାଗକୁ ସେମାନଙ୍କର କାର୍ଯ୍ୟ ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ, ଜିଲ୍ଲାରେ ଧାନ କ୍ରୟ ଭଲ ଭାବରେ ହୋଇଛି । ଶୂନ୍ୟ କଟନି ଛଟନି ଉପରେ ଧାନ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । କମ୍ ମୂଲ୍ୟରେ ଧାନ କ୍ରୟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନୁରୂପ ଭାବେ ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । କୃଷକଙ୍କ ସହାୟତା ରାଶି ଯେପରି ଠିକ୍ ଭାବରେ ଚାଷୀଙ୍କ ନିକଟରେ ପହଂଚିବ ସେଥି ପ୍ରତି ଧ୍ୟାନ ଦେବାକୁ କୁହାଯାଇଛି । ସେ ଆହୁରି ମଧ କହିଛନ୍ତି ଯେ ଚଳିତ ବର୍ଷ ରାସନ୍ କାର୍ଡ ନିମନ୍ତେ ୬ ଲକ୍ଷ ୮୦ ହଜାର ହିତାଧିକାରୀ ଦରଖାସ୍ତ ଆବେଦନ କରିଛନ୍ତି । ବ୍ଲକୱାରୀ ସର୍ଭେ କରି ଯୋଗ୍ୟ ହିତାଧିକାରୀଙ୍କୁ ରାସନ୍ କାର୍ଡ ବଣ୍ଟନ ପାଇଁ କୁହାଯାଇଛି । ସୂଚନା ଦିଆଯାଇଛି ଯେ ଆସନ୍ତା ଏପ୍ରିଲ ୧୪ ରେ ରାଜ୍ୟ ସ୍ତରୀୟ ରାସନ୍ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ ହେବ । ଏଥି ନିମନ୍ତେ ଇ କେୱାଇସି ପ୍ରକ୍ରିୟାକୁ ତ୍ୱରାନିତ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅନ୍ତ୍ୟୋଦୟ କାର୍ଡ ସର୍ଭେରେ ଯାହାର ଭଲ ସ୍ଥିତି ଆସି ଯାଇଛି, ସେମାନଙ୍କର କାର୍ଡ ପ୍ରତ୍ୟାହାର କରି ନେବାକୁ ମଧ କୁହାଯାଇଛି । ଯାହା ଫଳରେ ନୂଆ ତଥା ଗରିବ ହିତାଧିକାରୀ ଏଥିରୁ ଲାଭାନ୍ୱିତ ହୋଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିମନ୍ତେ ମଧ ଠିକ୍ ଭାବରେ ସର୍ଭେ କରିବା ପାଇଁ କୁହାଯାଇଛି । ଶେଷ ଧାନ କିଣା ରତୁରେ କାହା ବ୍ୟାଙ୍କ୍ ଏକାଉଂଟକୁ ଟଙ୍କା ପ୍ରାପ୍ତ ହୋଇଛି ତାହା ସୁନିଶ୍ଚିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ମାପ ଓ ଓଜନ ବିଭାଗକୁ ମଧ୍ୟ ନିୟମିତ ବ୍ୟବଧାନରେ ବୃହତ୍ ବ୍ୟବସାୟ ପ୍ରତିଷ୍ଠାନ ଯେପରିକି ସୁନା ଦୋକାନ, ପେଟ୍ରୋଲ ପମ୍ପ ଇତ୍ୟାଦି ଅଚାନକ ଗସ୍ତ କରି ମାନ ଓ ଗୁଣବତା ତଦାରଖ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୁହାଯାଇଛି । ଏହି ଅବସରରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଉପସ୍ଥିତ ରହି ଚାଷୀଙ୍କ ସୁବିଧା ଓ ଉନ୍ନତି ନିମନ୍ତେ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ରାଉରକେଲାକୁ ପୁଣି ଆସିଲେ ୬ ମାସ ଚାକିରୀ ଥିବା ଭିଜିଲାନ୍ସ ଏସପି

ରାଉରକେଲା,୨୧/୩ (ନି.ପ୍ର): ରାଉରକେଲାରେ ଭିଜିଲାନ୍ସ ଏସପି ଅଫିସ ହେବା ପରେ ଏଠାରେ ଆଜି ପର୍ଯ୍ୟନ୍ତ ଜଣେ ଏଭଳି ଏସପିଙ୍କୁ ପଠା ଗଲାନି ଯାହାଙ୍କର ଚାକିରୀ ଅନ୍ତତଃ ବର୍ଷେ କିମ୍ବା ୨ ବର୍ଷ ଥିବ । କେବଳ ଅବସର ନେବାକୁ ୩ ମାସ ୬ ମାସ ଥିବା ଏସପି ମାନଙ୍କୁ ପଠାଯାଇ କାମ ଚଳା ଚାଲିଛି, ଫଳରେ ରାଉରକେଲା ଓ ସୁନ୍ଦରଗଡ ଜିଲ୍ଲା ମୁଖ୍ୟାଳୟର ଅଫିସଗୁଡିକରେ ବ୍ୟାପକ ଦୁର୍ନୀତୀ କାରବାର ଚାଲିଥିଲେ ବି ସେଗୁଡିକୁ ସଂପୁର୍ଣ ଛାଡିଦିଆଉଛି, ଏହି ସବୁ ସ୍ଥାନରେ ଦୀର୍ଘ ବର୍ଷ ଧରି ରହିଥିବା ଅଧିକାରୀ ଓ କିରାଣୀ ମାନେ ଲୁଟୁଥିଲେ ବି ଭିଜିଲାନ୍ସ ନିରବ ବୋଲି ଅଭିଯୋଗ ହୋଇଚାଲିଛି । ଏତିକି ବେଳେ ରାଜ୍ୟ ଭିଜିଲାନ୍ସ ମୁଖ୍ୟ ରାଉରକେଲା ଡିଭିଜନକୁ କିଛି ଦିନ ତଳେ ୩ ମାସ ଚାକିରୀ ଥିବା ଏସପି ନରହରୀ ନାୟକଙ୍କୁ ପଠାଇଥିଲେ, ସେ ଏସପି ହୋଇ ଆସିବା ପରେ ୩ ମାସ ଭିତରେ କଣ କରିପାରିବେ ବୋଲି କୁହାଯାଉଥିବା ବେଳେ ଶ୍ରୀ ନାୟକ ମାତ୍ର ୩ ମାସରେ ଏକ ବଡ ଧରଣର ଡିଏ କେଶ କଲେ କୋଟି କୋଟି ଟଙ୍କା ସେଠାରୁ ବାହାରିଥିଲା । ସେ ଏଠାରୁ ଯିବା ପରେ ରାଜ୍ୟ ଭିଜିଲାନ୍ସ ମୁଖ୍ୟାଳୟରେ ଥିବା ସୁରେନ୍ଦ୍ର ନାଥ ପାଣିଗ୍ରାହୀଙ୍କୁ ଏସପି ରାଉରକେଲା ଭିଜିଲାନ୍ସ ଭାବେ ପଠାଯାଇଛି । ସେ ଏଠାରେ ଯୋଗଦାନ କରି କାମ ଆରମ୍ଭ କରିଥିବା ବେଳେ ତାଙ୍କର ମଧ ଚାକିରୀ ୬ ମାସ ଥିବା ଜଣାପଡିଛି । ସେ ସେପଟ୍ଟେମ୍ବରରେ ଅବସର ନେବେ । ତେବେ ଶ୍ରୀ ପାଣିଗ୍ରାହୀ ଜଣେ ଅଭିଜ୍ଞ ସଂପର୍ଣ ଅଧିକାରୀ, ରାଜ୍ୟର ବିଭିନ୍ନ ସ୍ଥାନରେ କାମ କରି ବହୁସୁନାମ ଅର୍ଜନ କରିବା ସହ ତାଙ୍କ ସମୟରେ ଦୁର୍ନୀତୀ ଲାଗି ୩ ଜଣ ବିଇଓ ବନ୍ଧା ହେବା ଓ ଅନ୍ୟ ବହୁ ବଡ ବଡ ଅଧିକାରୀଙ୍କୁ ଭିଜିଲାନ୍ସ ଜାଲକୁ ଆଣିବା କଥା ଜଣାପଡିଛି । ତେବେ ସେ ମୁଖ୍ୟାଳୟରେ ରହି ବହୁ ଗୁରୁତ୍ୱପୁର୍ଣ ଦାୟିତ୍ୱ ମାନ ସମ୍ଭାଳୁଥିଲେ, ରାଉରକେଲାର ଗୁରୁତ୍ୱକୁ ଦେଖି ତାଙ୍କୁ ସରକାର ଏଠାକୁ ପଠାଇଛନ୍ତି । ତେବେ ପୂର୍ବତନ ଏସପି ୩ ମାସରେ ଜଣକୁ ଧରି ଚାକିରୀରୁ ଅବସର ନେଲେ, ଶ୍ରୀ ପାଣିଗ୍ରାହୀ ଅବସର ନେବା ଆଗରୁ ୬ ମାସ ଭିତରେ ଅନ୍ୟୁନ୍ୟ ୨ ଜଣଙ୍କୁ ହାତ ମାରିବେ ବୋଲି ଆଶା କରାଯାଉଛି । ତେବେ ରାଉରକେଲା ପୁଲିସ ଜିଲ୍ଲାର କୌଣସି ଥାନାରେ ଆଜିକୁ ଦୀର୍ଘ ବର୍ଷ ଧରି ଭିଜିଲାନ୍ସ ହାତ ମାରିପାରିନଥିବା ବେଳେ କୋଇଡା ଥାନାରେ ରହି ଏଏସଆଇ ବାବୁ ମହଲା ପରେ ମହଲା କୋଠା ଯଦି କରୁଛନ୍ତି ତେବେ ଅନ୍ୟ ମାନେ କେତେ ଆଗରେ ଥିବେ ତାହା ଭିଜିଲାନ୍ସ ତଦନ୍ତ କଲେ ଜାଣିପାରିବ । ପୁଲିସ ଭିଜିଲାନ୍ସ ଭାଇ ଭାଇ ତେଣୁ ତାଙ୍କୁ ମାଫ୍ ବୋଲି ସାଧାରଣରେ ହେଉଥିବା ଆଲୋଚନାକୁ ତାଙ୍କ ଦୃଷ୍ଟିକୁ ଅଣାଜିବାରୁ ସେ କହିଥିଲେ ଆମ ଲାଗି ସମସ୍ତେ ସମାନ, ସମୟ ତାର ଜବାବ ଦେବ, ରାଜ୍ୟ ସ୍ତରରେ ପୁଲିସଙ୍କ ଠୁ ନେଇ ଅନେକ ଡିଏ ଟ୍ରାପ ହୋଇଛି । ସେହିଭଳି ରାଉରକେଲା ମହାନଗର ନିଗମ, ପୁର୍ତ ବିଭାଗ, ଫାକ୍ଟ୍ରୀ ବୟଲର, ଶ୍ରମ ବିଭାଗ, ଜିଏସଟି ବିଭାଗ ଆଦିରେ ଚାଲିଥିବା ଆଖିବୁଜା ଦୁର୍ନିତୀ କାରବାର ସଂପର୍କରେ କୁହାଜିବାରୁ ସେ କହିଥିଲେ ଆମେ ଲାଗିଛୁ ସାଧାରଣ ଜନତା ମଧ ଆମକୁ ସହଯୋଗ ଲାଗି ଆଗେଇ ଆସିବା ଉଚିତ୍ । ଦୁର୍ନିତୀ କାରବାର, କଳା ଟଙ୍କା ଗଚ୍ଛିତ ରଖିଥିବା ଓ ଅନେକ ଘର ଯାଗାର ମାଲିକ ହୋଇଥିବା ସରକାରୀ ବାବୁ ମାନଙ୍କ ସଂପର୍କରେ ସିଧାସଳଖ ଭିଜିଲାନ୍ସରେ ଖବର ଦେଇପାରିଲେ ଯାଇ ଉଭୟ ସାଧାରଣ ଜନତା ଓ ଭିଜିଲାନ୍ସ ପରସ୍ପରକୁ ବୁଝିପାରିବେ ବୋଲି ମତପ୍ରକାଶ ପାଇଛି । ସେପଟେ ସରପ୍ରାଇଜ ଚେକ୍ ଠାରୁ ଆରମ୍ଭ କରି ବିଭିନ୍ନ କାମରେ ରାଜ୍ୟ ଭିଜିଲାନ୍ସ ପାଖରୁ ଅନୁମତି ମିଳିଲେ ସେମାନେ କାମ କରିବାର ସୁଯୋଗ ରହୁଛି ବୋଲି ଶ୍ରୀ ପାଣିଗ୍ରାହୀ କହିବା ସହ ରାଉରକେଲା ସମେତ ତାଙ୍କ ଅଁଚଳର ସମସ୍ତ ବ୍ୟକ୍ତିଙ୍କ ସହଯୋଗ କାମନା ସେ କରିଛନ୍ତି ।

## ଯୁବତୀକୁ ଅଶ୍ଳିଳ ଭିଡିଓ ପଠାଇବା ସହ ଧମକ: ଅଭିଯୁକ୍ତ ଗିରଫ

ଜୟପୁର,୨୧/୩ (ନି.ପ୍ର): ଯୁବତୀକୁ ଅଶ୍ଳିଳ ଭିଡିଓ ପଠାଇବା ସହ ଧମକ ଦେବା ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ନୂଆପଡା ଜିଲାର ମହମ୍ମଦ ତାହିର ଆଲମ (୨୫) । ସୂଚନା ଅନୁଯାଇ, ଗତ ୨୮.୨.୨୫ ତାରିଖରେ ଜୟପୁର ଟାଉନ ଥାନାରେ ଅଭିଯୋଗ କରି ହୋଇଥିଲା । ଜୟପୁର ସହରର ଜଣେ ଯୁବତୀଙ୍କ ମୋବାଇଲକୁ ଅଶ୍ଳିଳ ଫଟୋ ଓ ଭିଡିଓ ପଠାଇଥିଲା । ଏହା ସହ ଅଭିଯୁକ୍ତ ଜଣକ ସମାଜିକ ଗଣମାଧମରେ ଛାଡି ଦେବାକୁ ଧମକ ଦେଉଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରିଥିଲା । ତଦନ୍ତରେ ଜାଣି ପୋଲିସ ନୂଆପଡାରୁ ଅଭିଯୁକ୍ତକୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତ ଠାରୁ ମୋବାଇଲ ଫୋନ, ଟ୍ୟାବ୍, ଲ୍ୟାପଟପ, ୨ଟି ହାଡଡିକ୍ସ, ପେନ ଡ୍ରାଇଭ, ମୋମୋରି କାର୍ଡ ଆଦି ଜବତ କରିଛି । ଗିରଫ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ଏଚ.ଆଇ.ଭି. ସଂକ୍ରମିତ ଓ ଯୌନ କର୍ମୀଙ୍କ ନିମନ୍ତେ ସାମାଜିକ ସୁରକ୍ଷା ସଚେତନତା କର୍ମଶାଳା

କନ୍ଧମାଳ,୨୧/୩ (ନି.ପ୍ର): ଏଚ୍ଆଇଭି ଜାତିୟ ଏ.ଡ୍.ସ. ନିୟନ୍ତ୍ରଣ ସଂସ୍ଥାର ଆକଳନ ଅନୁସାରେ ଦେଶରେ ଚିହ୍ନଟ ହୋଇଥିବା ଏଚ୍.ଆଇ.ଭି ସଂକ୍ରମିତଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ଯୋଡି ସେମାନଙ୍କୁ ଦିର୍ଘ ଜୀବନ ବଂଚିବାର ରାହା ଦେବାପାଇଁ ବ୍ୟବସ୍ଥା କରିଛନ୍ତି । ଏହାକୁ ଆଖି ଆଗରେ ରଖି ବିଭିନ୍ନ ସ୍ୱେଚ୍ଛାସେବି ଅନୁଷ୍ଠାନଙ୍କୁ ସାମିଲ କରି ଜିଲ୍ଲାରେ ଥିବା ବିଭିନ୍ନ ବିପଦ ସଙ୍କୁଳ ଗୋଷ୍ଠି ମହିଳା ଯୌନ କର୍ମୀ, କିନ୍ନର, ଡ୍ରଗ୍ ବ୍ୟବହାରକାରିଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ତାଙ୍କର ପରିବାରକୁ ଖାଦ୍ୟ ସୁରକ୍ଷା ଦେବା ପାଇଁ ଦାୟିତ୍ୱ ଦେଇଛନ୍ତି । ସେହିପରି କନ୍ଧମାଳ ଜିଲ୍ଲାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଙ୍କୁ ଲକ୍ଷ୍ୟଭେଦି ପ୍ରକଳ୍ପ ମାଧ୍ୟମରେ କାର୍ଯ୍ୟକ୍ରମ କରିବାକୁ ସୁଯୋଗ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ସ୍ୱାସ୍ଥ୍ୟସମିତି କନ୍ଧମାଳ ଙ୍କ ସମ୍ମିଳନି କକ୍ଷରେ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତ, ଭୁବନେଶ୍ୱରଙ୍କ ସହାୟତାରେ ଏକ ଦିନିକିଆ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରି ଡାକ୍ତର ସନ୍ତୋଷ କୁମାର ପାଢୀ ଯୋଗଦେଇ ବିପଦସଙ୍କୁଳ ପରିସ୍ଥିତିରେ ଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଅନୁଷ୍ଠାନ ଦ୍ୱାରା ନିଆଯାଉଥିବା ପଦକ୍ଷେପ ଗୁଡିକୁ ପ୍ରଶଂଶା କରିଥିଲେ । ତତ୍ସହିତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ଜିଲ୍ଲା ଯୋଗାଣ ଅଧିକାରୀ ଡାକ୍ତର ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ବିଭାଗ ମାଧ୍ୟମରେ ଏହି ବିପଦ ସଂକୁଳ ବ୍ୟକ୍ତି ବିଶେଷ ଏବଂ ଏଚ୍.ଆଇ.ଭି ରେ ସଂକ୍ରମିତ ବ୍ୟକ୍ତି ମାନଙ୍କ ପାଇଁ ଥିବା ସୁବିଧା ସୁଯୋଗ ବିଷୟରେ ସଂପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ । ଆଇନଜୀବି ବିଜୟକୃଷ୍ଣ ପଟ୍ଟନାୟକ ଏହି ଗୋଷ୍ଠି ମାନଙ୍କ ପାଇଁ ଥିବା ଆଇନଗତ ଦିଗ ଗୁଡିକୁ ଉପସ୍ଥାପନା କରିବା ସହିତ ଆମ୍ଭୁସ୍ ମ୍ୟାନ୍ ର ଭୂମିକା ବିଷୟରେ ସୂଚନା ଦେଇଥିଲେ । ଉପଖଣ୍ଡ ସ୍ତରୀୟ ପୋଲିସ ଅଧିକାରୀ ସୁଭ୍ରଜିତ୍ ବିଶ୍ୱାଳ ଯୋଗଦେଇ ଏହି ଗୋଷ୍ଠି ମାନଙ୍କ ପ୍ରତି ହେଉଥିବା ଯେକୌଣସି ଅସଦାଚରଣକୁ ଖୋଲାଖୋଲି ଭାବରେ ଉପସ୍ଥାପନା କରି କାର୍ଯ୍ୟାନୁଷ୍ଠାନ ପାଇଁ ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ । ଏଥି ସହିତ ଜିଲ୍ଲା ଏଚ୍.ଆଇ.ଭି/ ଏ.ଡ୍.ସ. ନୋଡାଲ ଅଫିସର୍ ଡାକ୍ତର ପ୍ରଶନ୍ନ କୁମାର ତ୍ରିପାଠୀ ତାଙ୍କର ବକ୍ତବ୍ୟରେ ଏହି ଗୋଷ୍ଠି ମାନଙ୍କର ସାମାଜିକ ସମସ୍ୟା ଗୁଡିକୁ ସମାଧାନ ଦିଗରେ ସ୍ୱାତୀ ଅନୁଷ୍ଠାନ ପ୍ରତ୍ୟକ୍ଷ ଭାବରେ ଭାଗନେଇ ଦୃଷ୍ଟିଗୋଚର କରାଇ ନ୍ୟାୟ ଦେବା ପାଇଁ ସହଯୋଗ କରିବାକୁ ପ୍ରସ୍ତାବ ରଖିଥିଲେ । ଜିଲ୍ଲା ସୁପରଭାଇଜର୍ ଦେବାଶିଶ ମିଶ୍ର ସାମାଜିକ ନ୍ୟାୟ ଦେବା ଓ ସୁରକ୍ଷା ଯୋଜନାରେ ସାମିଲ ସମୟରେ ଆଇନ୍ ର ପ୍ରାବଧାନକୁ ଆଖି ଆଗରେ ରଖି ବ୍ୟକ୍ତିଗତ ତଥ୍ୟର ଗୋପନିୟତାକୁ ପାଳନା କରିବାକୁ ଅନୁରୋଧ କରିଥିଲେ ଏବଂ ଗୋବିନ୍ଦ ଚନ୍ଦ୍ର ଜେନା ସମସ୍ତ ଟ୍ରାନ୍ସଜେଣ୍ଡର ଓ ମହିଳା ଯୌନ କର୍ମୀ ମାନଙ୍କୁ ସୁରକ୍ଷିତ ରହିବା ପାଇଁ ବାର୍ତା ଦେଇଥିଲେ । ଲକ୍ଷ୍ୟଭେଦୀ ପ୍ରକଳ୍ପ ପରିଚାଳକ ବିଶ୍ୱରଞ୍ଜନ କର ଏହି ଆଲୋଚନାରେ ଉପସ୍ଥିତ ରହି ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ, ପ୍ରଦିପ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା ଓ ଟ୍ରେଜରର୍ ସାନ୍ତନୁ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନ ତରଫରୁ ସ୍ନେହଲତା ନାୟକ, ସୀତା ରଣା, ଦିତିକା ପ୍ରଧାନ, ସୁବାସିନି ବେହେରା, ଅଞ୍ଜନା ବେହେରା ଓ ଅମ୍ରିତା ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# କନ୍ଧମାଳ ଜିଲ୍ଲା ମିଡ଼ିଆ ଫୋରମ ପକ୍ଷରୁ ମାଗଣା ଦନ୍ତ ଚିକିତ୍ସା ଶିବିର

କନ୍ଧମାଳ,୨୧/୩ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ପ୍ରଥମ ଥର ପାଇଁ କନ୍ଧମାଳ ଜିଲ୍ଲା ମିଡ଼ିଆ ଫୋରମ ପକ୍ଷରୁ ମାଗଣା ଦନ୍ତ ଚିକିତ୍ସା ଶିବିର ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ସଂଘ ସଭାପତି ଡ଼ଃ. ସୂର୍ଯ୍ୟ ନାରାୟଣ ବେହେରା ଓ ସମ୍ପାଦକ ଶିବ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ଜିଲ୍ଲା ସ୍ୱାସ୍ଥ୍ୟ ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ପାଢ଼ୀ ଶୁଭ ଉଦଘାଟନ କରିଥିଲେ । ଏହି ଶିବିରରେ ସୁଦୂର ଚେନାଇ ରୁ ଦନ୍ତ ବିଶେଷଜ୍ଞ ଡା. ରମେଶ ଏବଂ ଡା ମଲ୍ଲର, ଏବଂ ତାଙ୍କ ୧୫ ଜଣିଆ ଟିମ ଆସି ସକାଳ ୯ଟା ରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶତାଧିକ ଦାନ୍ତ ସମସ୍ୟାରେ ପୀଡ଼ିତ ଥିବା ପିଲା ଠାରୁ ବୃଦ୍ଧ ଓ ବୃଦ୍ଧା ସମସ୍ତଙ୍କୁ ମାଗଣା ଚିକିତ୍ସା ସହ ଔଷଧ ମଧ୍ୟ ବଂଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ସଂଘର ଉପଦେଷ୍ଟା ଶିବାନନ୍ଦ ପଟ୍ଟନାୟକ, ଅଜିତ ମହାରଣା, ସୁନୀଲ କୁମାର ବିଶ୍ୱାଳ ଆଇନ ଉପଦେଷ୍ଟା ସତ୍ୟ ନାରାୟଣ ବେହେରା, ବରିଷ୍ଠ ସାମ୍ବାଦିକ ଫିଲି ମୋହନ ନାୟକ, ମୁସ୍କାନ ସୁଆର ପ୍ରମୁଖ ଯୋଗ ଦେଇଥିଲେ । ଏଥି ସହିତ ସଂଘ ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସହ ସମ୍ପାଦକ ଶିବ ନାୟକ, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ପ୍ରଶାନ୍ତ ଜେନା,କାହ୍ନା ପଟ୍ଟନାୟକ, ସମାଜସେବୀ ଜୋସେଫ, ବନମାଳୀ ଦିଗାଲ, ବିପ୍ର ଚରଣ ବେହେରା, ସୁନୀଲ, କାଳିଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କିସମିସ୍ ପାଣି ପିଇଲେ ହ୍ରାସପାଏ ଓଜନ ?

ବର୍ତ୍ତମାନ ସମୟରେ ଡ୍ରାଏ ଫ୍ରୁଟ୍ସର ଚାହିଦା ଅନେକ। ବିଭିନ୍ନ ଡ୍ରାଏ ଫ୍ରୁଟ୍ସକୁ ଭିଜାଇ ପାଣି ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ଏହି ସବୁ ଡ୍ରାଏ ଫ୍ରୁଟ୍ସ ମଧ୍ୟରୁ କିସମିସ୍ ଅନ୍ୟତମ। ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥାଏ। କିସମିସ୍ ପାଣି ପିଇବା ଦ୍ୱାରା ମଧ୍ୟ ଅନେକ ଉପକାରିତା ମିଳିଥାଏ ବୋଲି ବିଶ୍ୱାସ କରାଯାଏ।
ବାସ୍ତବରେ କିସମିସ ପାଣିରେ ଉପକାରୀ ଗୁଣ ରହିଛି, କିନ୍ତୁ ବେଳେବେଳେ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ। କିସମିସ୍ ପାଣିରି କି କି ଉପକାରୀ ଓ ଅପକାରୀ ଗୁଣ ରହିଛି, ଜାଣନ୍ତୁ...



### କିସମିସ୍ ପାଣିର ଉପକାରିତା:

ଓଜନ ହ୍ରାସ କରିବାରେ ସହାୟକ ହୁଏ: କିସମିସ୍ ପାଣିରେ କମ୍ ପରିମାଣର ପ୍ରାକୃତିକ ଶର୍କରା ରହିଥାଏ, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ।
ଅନ୍ତନଳୀକୁ ସଫା ରଖେ: କିସମିସରେ ଫାଇବର ଥାଏ, ଯାହା ଅନ୍ତନଳୀକୁ ସଫା ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।
ଶରୀରକୁ ଶକ୍ତି ଯୋଗାଏ: କିସମିସରେ ଥିବା ପ୍ରାକୃତିକ ଶର୍କରା ଶରୀରକୁ ଶକ୍ତି ଯୋଗାଇଥାଏ। ଏହି ଡ୍ରାଏ ଫ୍ରୁଟ୍ସ ଖାଇବା ଦ୍ୱାରା ଦୁର୍ବଳତା ଦୂର ହୋଇଥାଏ।

### କିସମିସ୍ ପାଣିର ଅପକାରିତା:

ଅତ୍ୟଧିକ କ୍ୟାଲୋରୀ: କିସମିସରେ ଶର୍କରା ସହିତ ଅଧିକ ପରିମାଣର କ୍ୟାଲୋରୀ ଥାଏ। ତେଣୁ ଆବଶ୍ୟକତାଠାରୁ ଅଧିକ କିସମିସ୍ ପାଣି ପିଇଲେ କ୍ୟାଲୋରୀ ସ୍ତର ବୃଦ୍ଧି ପାଇପାରେ। ଯାହା ଫଳରେ ମେଦବହୁଳତା ସମସ୍ୟା ଦେଖାଯିବାର ଆଶଙ୍କା ଅଧିକ।
ଉଚ୍ଚ ଗ୍ଲାଇସେମିକ୍ ଇଣ୍ଡେକ୍ସ: କିସମିସ୍ ପାଣିରେ ଅଧିକ ଗ୍ଲାଇସେମିକ୍ ଇଣ୍ଡେକ୍ସ ରହିଛି, ଯାହା ମଧୁମେହ ରୋଗୀଙ୍କ ପାଇଁ ପରିଚାଳନା କରିବା କଷ୍ଟକର ହୋଇପାରେ। ତେଣୁ ମଧୁମେହ ରୋଗୀ କିସମିସ୍ ପାଣି ପିଇବାରେ ସତର୍କତା ଅବଲମ୍ବନ କରିବା ଉଚିତ୍।

# ଘରେ ତିଆରି କରନ୍ତୁ ମୁଢ଼ିର ଏହି ରେସିପି



ଆବଶ୍ୟକ ସାମଗ୍ରୀ: ମୁଢ଼ି, ଗାଜର, କ୍ୟାପିସମ,ପିଆଜ,ଲୁଣ, ହଳଦୀ , ବେସନ, ଧଳା ରାଶି, କଟା କଞ୍ଚା ଲଙ୍କା, ଧନିଆ ପତ୍ର, ତେଲ।
ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମୁଢ଼ିକୁ ଏକ ପାତ୍ରରେ ନେଇ ତାକୁ କିଛି ସମୟ ପାଇଁ ଭିଜାଇ ରଖନ୍ତୁ। ଏହା ଭିଜିଗଲା ପରେ ତାକୁ ଭଲ ଭାବରେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ପରେ ସେଥିରେ କଟା ଗାଜର, କ୍ୟାପିସମ ଓ ପିଆଜ ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ପରେ ସେଥିରେ ଆବଶ୍ୟକ ଅନୁସାରେ ଲୁଣ, ହଳଦୀ , ବେସନ, ଧଳା ରାଶି, କଟା କଞ୍ଚା ଲଙ୍କା ଓ ଧନିଆ ପତ୍ର ପକାଇ ଗୋଳାଇ ଦିଅନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବାପରେ ଗୋଳାଇ ରଖିଥିବା ମିଶ୍ରଣ ପକୁଡି ଆକାରରେ ଛାଣନ୍ତୁ। ପକୁଡିର ଦୁଇ ପାର୍ଶ୍ୱ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମୁଢ଼ି ପକୁଡି। ଏହାକୁ ଟମାଟୋ ଚଟଣି ଓପୁଦିନା ଚଟଣି ସହ ଖାଇପାରିବେ।

# ଦିନ ବେଳା ଶୁଅନ୍ତୁ ନାହିଁ

ଗବେଷକଗଣ ବିଭିନ୍ନ ବର୍ଗର ଓ ପ୍ରାନ୍ତର ୩ଲକ୍ଷ ବ୍ୟକ୍ତିଙ୍କୁ ନେଇ ୨ବର୍ଷ ଗବେଷଣା କରିବା ପରେ ଏକ ଜରୁରୀ ତଥ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ତଥ୍ୟରୁ ପ୍ରକାଶିତ ଯେ ଦିନବେଳା ଲୋକେ ଶୋଇବା ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ କ୍ଷତିକାରକ । ଯଦିଓ ବୟସ୍କ ଲୋକଙ୍କୁ ଥକାପଣ ଲାଗୁଛି କିମ୍ବା ନିଦ ଦିନେବେଳା ଅଧିକ ଲାଗୁଛି, ତେବେ ସେମାନେ ପୁସ୍ତକ ପଢ଼ିବା ଉଚିତ ନଚେତ ଅନ୍ୟ କୌଣସି କାମରେ ନିଜକୁ ବ୍ୟସ୍ତ ରଖିବା ଆବଶ୍ୟକ । କାରଣ ଦିନବେଳା ଶୋଉଥିବା ବ୍ୟକ୍ତିଙ୍କୁ ମଧୁମେହ ଆକ୍ରାନ୍ତ ହେବାର ସମ୍ଭାବନା ସର୍ବାଧିକ ।

# ପାଦ ସୁନ୍ଦର ଦିଶିବା ପାଇଁ ଆପଣାନ୍ତୁ ଏହି ସବୁ ଟିପ୍ସ

ଅଧିକାଂଶ ଲୋକେ ସୁନ୍ଦରତା ପ୍ରତି ଧ୍ୟାନ ଦିଅନ୍ତି, ହେଲେ ସୁସ୍ଥତା ପ୍ରତି ନୁହେଁ। ହାତ, ମୁହଁ, ଚର୍ମ, କେଶ ଓ ତ୍ୱଚାର ଯତ୍ନ ନିଅନ୍ତି, କିନ୍ତୁ ପାଦର ସ୍ୱଚ୍ଛତାକୁ ଭୁଲି ଯାଆନ୍ତି। ଏହି କାରଣରୁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ। ବିଶେଷ କରି ପାଦର ଯତ୍ନ ନ ନେବା ଦ୍ୱାରା ଫଙ୍ଗଲ ସଂକ୍ରମଣ ହୋଇପାରେ। ତେଣୁ ଏହାକୁ ଏଡାଇବା ପାଇଁ ଘରୋଇ ଉପାୟରେ କିପରି ପାଦର ଯତ୍ନ ନେବେ, ଜାଣନ୍ତୁ...

ପ୍ରତିଦିନ ପାଦର ସ୍ୱଚ୍ଛତା ଯାଞ୍ଚ କରନ୍ତୁ:
ନିୟମିତ ଭାବରେ ଯେପରି ତ୍ୱଚା ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉଛନ୍ତି, ସେହିପରି ପାଦ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ। କୌଣସି କଟା, ଦାଗ, ଫୁଲା କିମ୍ବା ଲାଲ୍ ପଡିଯିବା ଭଳି ଅସ୍ୱାଭାବିକତା ଅଛି କି ନାହିଁ ନୀରିକ୍ଷଣ କରନ୍ତୁ। ମଧୁମେହ କିମ୍ବା ପେରିଫେରାଲ୍ ନ୍ୟୁରୋପାଥି ରୋଗୀଙ୍କ ପାଇଁ ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ, କାରଣ ସେମାନେ ପାଦରେ କୌଣସି ଯନ୍ତ୍ରଣା ଅନୁଭବ କରିପାରନ୍ତି ନାହିଁ। ତେଣୁ ନିୟମିତ ଭାବେ ପାଦକୁ ଯାଞ୍ଚ କରନ୍ତୁ।



ସର୍ବସାଧାରଣ ସ୍ଥାନରେ ଖାଲି ପାଦରେ ଚାଲନ୍ତୁ ନାହିଁ:
ଖାଲି ପାଦରେ ଚାଲିବା ସ୍ୱାସ୍ଥ୍ୟ ପାଇଁ ଭଲ କୁହାଯାଏ ସତ, କିନ୍ତୁ ସବୁ ସ୍ଥାନ ପାଇଁ ଏହା ପ୍ରଯୁଜ୍ୟ ନୁହେଁ। ତେଣୁ ସର୍ବଦା ପରିଷ୍କାର-ପରିଚ୍ଛନ୍ନ ଥିବା ସ୍ଥାନରେ ଚାଲିବାକୁ ଚେଷ୍ଟା କରନ୍ତୁ। ସର୍ବସାଧାରଣ ସ୍ଥାନରେ ଆଦୌ ଖାଲି ପାଦରେ ଚାଲନ୍ତୁ ନାହିଁ।
ଦିନକୁ ଦୁଇଥର ପାଦ ଧୋଇ ଦିଅନ୍ତୁ :
ଯେପରି ଦାନ୍ତ ଘଷିବା ଏକ ନିତ୍ୟକ୍ରମ, ସେହିପରି ପାଦ ଧୋଇବା ମଧ୍ୟ ନିତ୍ୟକ୍ରମ। କିନ୍ତୁ ଅନେକ ଲୋକ ଏଥିରେ ଅବହେଳା କରନ୍ତି। ବାହାରୁ ଆସିବା ପରେ ନିଶ୍ଚିତ ରୂପରେ ପାଦ ଧୁଅନ୍ତୁ। ଅତି କମରେ ଗୋଟିଏ ଦିନରେ ନିଶ୍ଚିତ ରୂପେ ଦୁଇ ଥର ପାଦ ଧୋଇବା ଅଭ୍ୟାସ ରଖନ୍ତୁ। ଏହା ଫଳରେ ମଇଳା, ଜୀବାଣୁ ଆଦି ସଫା ହୋଇଯାଇଥାଏ।
ପାଦକୁ ସଠିକ୍ ଭାବରେ ଶୁଖାନ୍ତୁ:
ପାଦ ଧୋଇ ସାରିବା ପରେ ଓଦା ପାଦରେ ଅଧିକ ସମୟ ରୁହନ୍ତୁ ନାହିଁ। ବିଶେଷ କରି ଓଦା ପାଦରେ ସ୍ଲିପ୍ପର୍, ସକ୍ସ କିମ୍ବା ବୁଟ୍ ପିନ୍ଧନ୍ତୁ ନାହିଁ। ଆଙ୍ଗୁଠି ସନ୍ଧିରେ ବେଶି ସମୟ ପାଣି ରହିବାକୁ ଦିଅନ୍ତୁ ନାହିଁ।
ମଶ୍ଚରାଇଜର:
ଶରୀରର ସୁସ୍ଥତା ପାଇଁ ଯେପରି ଅନ୍ୟାନ୍ୟ ଅଙ୍ଗର ଯତ୍ନ ନେଉଛନ୍ତି, ଠିକ୍ ସେହିପରି ପାଦର ଧ୍ୟାନ ନିଅନ୍ତୁ। ପାଦକୁ ନିୟମିତ ଭାବେ ମଶ୍ଚରାଇଜ୍ କରନ୍ତୁ। ଏପରି କରିବା ଦ୍ୱାରା ଶୁଷ୍କ ଏବଂ ଫଟା ପାଦ ସମସ୍ୟାକୁ ଦୂର କରାଯାଇ ପାରିବ।
ଭଲ ସକ୍ସ ପିନ୍ଧନ୍ତୁ:
ସୁନ୍ଦର ସକ୍ସ ଅପେକ୍ଷା ପରିଷ୍କାର-ପରିଚ୍ଛନ୍ନ ଥିବା ସକ୍ସ ପିନ୍ଧିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ସକ୍ସକୁ ସଫା ନକରି ବାରମ୍ବାର ପିନ୍ଧନ୍ତୁ ନାହିଁ। ସର୍ବଦା ବୁଟ୍ ଓ ସକ୍ସକୁ ସଫା ରଖନ୍ତୁ। ସଚେତ୍ ସଂକ୍ରମଣଜନିତ ସମସ୍ୟା ହୋଇପାରେ।

# ମାଇକ୍ରୋୱେଭରେ ଭୁଲରେ ବି ଏସବୁ ଖାଦ୍ୟକୁ ଦ୍ୱିତୀୟ ଥର ଗରମ କରନ୍ତୁ ନାହିଁ

ବର୍ତ୍ତମାନର ବ୍ୟସ୍ତ ଜୀବନଶୈଳୀରେ ଲୋକେ ଗୋଟିଏ ଥର ରୋଷେଇ କରି ଏହାକୁ ଗରମ କରି ଖାଇବାରେ ଅଭ୍ୟସ୍ତ। ଏଥିପାଇଁ ମାଇକ୍ରୋୱେଭର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି। ହେଲେ ଜାଣନ୍ତି କି, ମାଇକ୍ରୋୱେଭରେ ଖାଦ୍ୟକୁ ବାରମ୍ବାର ଗରମ କରିବା ଦ୍ୱାରା ଏହାର ସ୍ୱାଦ ଏବଂ ପୁଷ୍ଟିକର ଉପାଦାନ ନଷ୍ଟ ହୋଇଯାଏ ? ଆଜ୍ଞା ହଁ, ଅନେକ ପ୍ରକାର ଖାଦ୍ୟ ଅଛି, ଯେଉଁଗୁଡିକୁ ଏକାଧିକ ଥର ମାଇକ୍ରୋୱେଭରେ ଗରମ କରିବା ଦ୍ୱାରା ଏହାର ପୁଷ୍ଟିକର ଉପାଦାନ ନଷ୍ଟ ହୋଇଯାଏ। ତେବେ ଏସବୁ ଖାଦ୍ୟ କଣ, ଜାଣନ୍ତୁ...



ମାଇକ୍ରୋୱେଭରେ କ'ଣ ଗରମ କରିବା ଉଚିତ୍ ନୁହେଁ?
ଅଣ୍ଡା ଏବଂ ଏଥିରୁ ତିଆରି ଖାଦ୍ୟ - ସିଝା ଅଣ୍ଡାକୁ ଆଦୌ ମାଇକ୍ରୋୱେଭରେ ଗରମ କରନ୍ତୁ ନାହିଁ। ଏହା ବ୍ୟତୀତ, ମାଇକ୍ରୋୱେଭରେ ଅଣ୍ଡାରୁ ନିର୍ମିତ ଖାଦ୍ୟକୁ ମଧ୍ୟ ଗରମ କରି ଗରମ କରି ଖାଆନ୍ତୁ ନାହିଁ।
ମାଂସ- ଅଧିକାଂଶ ଲୋକ ନନଭେଜ ଖାଦ୍ୟକୁ ଗରମ କରି ଖାଇବା ପାଇଁ ପସନ୍ଦ କରନ୍ତି। ବାସ୍ତବରେ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଓଭେନରେ ଏହି ପ୍ରକାର ଖାଦ୍ୟ ଗରମ କରିବା ଦ୍ୱାରା ସ୍ୱାଦରେ ପରିବର୍ତ୍ତନ ଆସିଥାଏ। ଏହା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ।
ସବୁଜ ପତ୍ରଯୁକ୍ତ ପନିପରିବା - ସବୁଜ ପତ୍ରଯୁକ୍ତ ପନିପରିବାକୁ ଓଭେନରେ ଗରମ କରିବାକୁ ବାରଣ କରାଯାଏ। ପାଳଙ୍ଗ ଓ ଅନ୍ୟାନ୍ୟ ପ୍ରକାର ଶାଗକୁ ଓଭେନରେ ଦ୍ୱିତୀୟ ଥର ଗରମ କରିବା ଅନୁଚିତ୍। ସବୁଜ ପନିପରିବାରେ ନାଇଟ୍ରେଟ୍ ଥାଏ, ଦ୍ୱିତୀୟ ଥର ଗରମ କରିବା ଦ୍ୱାରା ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପାଲଟିଯାଏ, ଯାହା କ୍ୟାନସର ଭଳି ମାରାତ୍ମକ ରୋଗ ବିପଦ ଆଶଙ୍କାକୁ ବୃଦ୍ଧି କରିପାରେ।
ଫ୍ରାଏଡ୍ ଖାଦ୍ୟକୁ- ମାଇକ୍ରୋୱେଭରେ ଫ୍ରେଞ୍ଚ୍ ଫ୍ରା ଏବଂ ପକୋଡା ପରି ଫ୍ରାଏଡ୍ ଖାଦ୍ୟକୁ ଗରମ କରିବା ଠାରୁ ଦୂରେଇ ରୁହନ୍ତୁ। ମାଇକ୍ରୋୱେଭରେ ଫ୍ରାଏଡ ଖାଦ୍ୟ ଗରମ କରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।
ଚା'- ମାଇକ୍ରୋୱେଭରେ ଚା' ମଧ୍ୟ ଗରମ ନ କରିବା ଉଚିତ୍। ପ୍ରଥମତଃ ଚା ତିଆରି କରି ଦୀର୍ଘ ସମୟ ରଖିବା ଦ୍ୱାରା ଏହା ଖରାପ ହୋଇ ଯାଇଥାଏ, ଯଦି ପୁନର୍ବାର ଏହାକୁ ମାଇକ୍ରୋୱେଭରେ ଗରମ କରୁଛନ୍ତି ତେବେ ଏହା ସ୍ୱାସ୍ଥ୍ୟ ପାଇଁ ଆହୁରି ହାନିକରାକ ହୋଇପାରେ।

## ଭୁଲି ଯାଆନ୍ତୁ ଔଷଧ

ପ୍ରତିଦିନ ରାତିରେ ୫ଟି ପିସ୍ତା ବାଦାମକୁ ଭିଜାଇ, ସକାଳେ ଏହାକୁ ଖାଇ ଆପଣ ପିଅନ୍ତୁ । ଦେଖିବେ ଲୋ ବ୍ଲଡ ପ୍ରେସରରୁ ଆରାମ ମିଳିବା ସହ ସ୍ମରଣ ଶକ୍ତିକୁ ବି ପ୍ରଖର ହେବ । ଗଣ୍ଠି ଯନ୍ତ୍ରଣାରୁ ବ୍ୟସ୍ତ ଅଛନ୍ତି, ତା ହେଲେ ଅମୃତଭଣ୍ଡାର କୋମଳ ପତ୍ରକୁ ବାଟି ଯନ୍ତ୍ରଣା ହେଉଥିବା ସ୍ଥାନରେ ଲଗାନ୍ତୁ ଆରାମ ମିଳିବ । ତୁଳସୀ ମଞ୍ଜିକୁ ବଡ଼ ଦାନା ମୁକ୍ତ ଚିନି ଓ କ୍ଷୀର ସହିତ ମିଶାଇ ପିଇଲେ ମୂତ୍ରାଶୟରେ ଅଟକି ଥିବା ଷ୍ଟୋନ ଦୂର ହୋଇଥାଏ । ପ୍ରତିଦିନ ସକାଳୁ ଖାଲି ପେଟରେ ଅଧା ଚାମଚ ମେଥି ଚୂର୍ଣ୍ଣକୁ ନଖ ଉଷ୍ମମ ପାଣିରେ ମିଶାଇ ସେବନ କଲେ ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳିବ ।



# ଗ୍ରୀଷ୍ମଋତୁରେ ଉଚ୍ଚ ରକ୍ତଚାପ ରୋଗୀ କିପରି ନେବେ ସ୍ୱାସ୍ଥ୍ୟର ଯତ୍ନ, ଜାଣନ୍ତୁ

ହାଇପରଟେନସନ ବା ଉଚ୍ଚ ରକ୍ତଚାପ ଆଉ ଏକ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା। ସମଗ୍ର ବିଶ୍ୱରେ ୧୨୮ କୋଟିରୁ ଅଧିକ ହାଇ ବିପି ରୋଗୀ ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ପ୍ରାୟ ୪୬% ରୋଗୀ ଜାଣନ୍ତି ନାହିଁ ଯେ ସେମାନଙ୍କୁ ଏହି ରୋଗ ହୋଇଛି ବୋଲି। ଯଦି ଠିକ୍ ସମୟରେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରାନଯାଏ, ତେବେ ବ୍ରେନ୍ ଷ୍ଟ୍ରୋକ୍, ହାର୍ଟ ଓ କିଡନୀ ଫେଲ୍ ଭଳି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ତେଣୁ ପ୍ରାଥମିକ ପର୍ଯ୍ୟାୟରୁ ରୋଗ ଚିହ୍ନଟ ଓ ଚିକିତ୍ସାର ଆବଶ୍ୟକତା ରହିଛି। ବିଶେଷ କରି ଉଚ୍ଚ ରକ୍ତଚାପ ରୋଗୀଙ୍କୁ ଗ୍ରୀଷ୍ମଋତୁରେ ଅଧିକ ଯତ୍ନବାନ ହେବା ଉଚିତ୍। କାରଣ ଉତ୍ତାପ ବୃଦ୍ଧି ସହ ରକ୍ତଚାପ ବୃଦ୍ଧି ପାଇବାର ଆଶଙ୍କା ଥାଏ। ତେବେ ଉଚ୍ଚ ରକ୍ତଚାପ ବୃଦ୍ଧିର କାରଣ, ଲକ୍ଷଣ ଏବଂ ଏହାକୁ କିପରି ନିୟନ୍ତ୍ରଣରେ ରଖିବେ, ଜାଣନ୍ତୁ...

*ଉଚ୍ଚ ବିପି ରୋଗୀଙ୍କ ସଂଖ୍ୟା କାହିଁକି ବଢ଼ୁଛି ?*
♦ଖରାପ ଖାଦ୍ୟ।
♦ବ୍ୟାୟାମର ଅଭାବ।
♦ମେଦବହୁଳତା।
♦ମଧୁମେହ।
♦ମଦ୍ୟପାନ।
♦ସିଗାରେଟ୍ ଓ ତମାଖୁ ସେବନ।

*ଉଚ୍ଚ ରକ୍ତଚାପର ଲକ୍ଷଣ*
♦ବାରମ୍ବାର ମୁଣ୍ଡ ବିନ୍ଧିବା।
♦ନିଶ୍ୱାସ ନେବାରେ ସମସ୍ୟା।
♦ମୁଣ୍ଡ ବୁଲାଇବା।

*ଉଚ୍ଚ ରକ୍ତଚାପକୁ କିପରି ଏଡାଇବେ*
♦ସୁସ୍ଥ ଖାଦ୍ୟ ବଜାୟ ରଖନ୍ତୁ।
♦ଓଜନ ନିୟନ୍ତ୍ରଣ କରନ୍ତୁ।
♦ଲୁଣ ଖାଇବା ହ୍ରାସ କରନ୍ତୁ।
♦ଯୋଗ କିମ୍ବା ଧ୍ୟାନ କରନ୍ତୁ।
♦ମଦ୍ୟପାନ ଭଳି ନିଶା ସେବନଠାରୁ ଦୂରେଇ ରୁହନ୍ତୁ।

*କିପରି ନିୟନ୍ତ୍ରିତ ହୁଏ ଉଚ୍ଚ ରକ୍ତଚାପ*
♦ପ୍ରଚୁର ପାଣି ପିଅନ୍ତୁ।
♦ଚାପ ଏବଂ ଟେନସନରୁ ଦୂରେଇ ରୁହନ୍ତୁ।
♦ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।
♦ଜଙ୍କ ଫୁଡଠୁ ଖାଆନ୍ତୁ ନାହିଁ।
♦୬-୮ ଘଣ୍ଟା ଶୋଇବା ଅଭ୍ୟାସ ରଖନ୍ତୁ।
♦ବେଶି ସମୟ ପେଟ ଖାଲି ରଖନ୍ତୁ ନାହିଁ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଷ୍ଟାଲିନ୍ ଚିନ୍ତା...

ଜାତୀୟ ରାଜନୀତିଠାରୁ ନିଜକୁ ଦୂରେଇ ରଖିଥିବା ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ସୁପ୍ରିମୋ ଏମ୍ କେ ଷ୍ଟାଲିନ୍ ଏବେ କିନ୍ତୁ ଜାତୀୟ ରାଜନୀତିରେ ଚର୍ଚ୍ଚିତ ବ୍ୟକ୍ତି। ଜାତୀୟ ରାଜନୀତିକୁ ଆସିବା ଲାଗି ସେ କୌଣସି ଆଗ୍ରହ ପ୍ରକାଶ କରିନାହାନ୍ତି। କିନ୍ତୁ ଜାତୀୟ ଶିକ୍ଷା ନୀତି ଏବଂ ଲୋକସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ ତାଙ୍କର ଆଭିମୁଖ୍ୟ ଜାତୀୟ ରାଜନୀତିରେ ଏକପ୍ରକାର କମ୍ପନ ସୃଷ୍ଟି କରିଛି। ଜାତୀୟ ଶିକ୍ଷା ନୀତିକୁ ସେ ବିରୋଧ କରୁଛନ୍ତି ଏବଂ ଏହାକୁ ନେଇ କେନ୍ଦ୍ର ସହିତ ସେ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ହିନ୍ଦୀ ଭାଷାକୁ ଦକ୍ଷିଣ ଭାରତ ରାଜ୍ୟରେ ଲଦିଦେବା ଲାଗି କେନ୍ଦ୍ର ଉଦ୍ୟମ କରୁଛି ବୋଲି ସେ ଅଭିଯୋଗ କରିବା ସହିତ ଏହାକୁ ଜୋରଦାର ବିରୋଧ କରୁଛନ୍ତି। ଏହି ଘଟଣାରେ ସେ ପାଦେ ଆଗକୁ ଯାଇ ରାଜ୍ୟ ବଜେଟ୍ ପୁସ୍ତକରୁ ହିନ୍ଦୀରେ ଥିବା ଟଙ୍କା ଚିହ୍ନକୁ ହଟାଇ ଦେଇଛନ୍ତି। ତାଙ୍କର ଏଭଳି ଆଚରଣକୁ କେନ୍ଦ୍ର ସରକାର ନାପସନ୍ଦ କରିବା ସହିତ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ବିଚ୍ଛିନ୍ନତାବାଦ ସହ ତୁଳନା କରିବାକୁ ପଛାଇ ନାହାନ୍ତି। ଏହି ପ୍ରସଙ୍ଗରେ ଅନେକ ଆଞ୍ଚଳିକ ଓ ଜାତୀୟ ନେତା ନିରବ ରହିଥିବା ବେଳେ ଲୋକସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ ଷ୍ଟାଲିନଙ୍କୁ ଅପ୍ରତ୍ୟାଶିତ ଭାବେ ସମର୍ଥନ ମିଳିବାରେ ଲାଗିଛି। ୨୦୨୬ରେ ଜନଗଣନା ହେବ ଏବଂ ଏହାକୁ ଆଧାର କରି ଲୋକସଭା ନିର୍ବାଚନମଣ୍ଡଳୀର ସୀମା ପୁନଃନିର୍ଦ୍ଧାରଣ ହେବ। କିନ୍ତୁ ଏହି ପ୍ରକ୍ରିୟାରେ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ କ୍ଷତିଗ୍ରସ୍ତ ହେବେ ବୋଲି ଷ୍ଟାଲିନ ଅଭିଯୋଗ କରିଛନ୍ତି। ତାଙ୍କର ଯୁକ୍ତି ହେଲା ଯେ ଦକ୍ଷିଣ ଭାରର ରାଜ୍ୟଗୁଡ଼ିକ ପରିବାର ନିୟୋଜନ ନୀତି ସଠିକ ଭାବେ ଲାଗୁ କରିଥିବାରୁ ଏଠାରେ ଜନସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ଯାହାକି ଉତ୍ତର ଭାରତରେ ପରିଲକ୍ଷିତ ହୋଇନାହିଁ। ତେଣୁ କମ୍ ଜନସଂଖ୍ୟା ଦୃଷ୍ଟିରୁ ଦକ୍ଷିଣ ଭାରତୀୟ ରାଜ୍ୟ ଲୋକସଭା ଆସନ ବଣ୍ଟନ କ୍ଷେତ୍ରରେ ଭୀଷଣ କ୍ଷତିଗ୍ରସ୍ତ ହେବେ। ଏଭଳି ପରିସ୍ଥିତିରେ ଉତ୍ତର ଭାରତର ରାଜ୍ୟମାନଙ୍କୁ ବେଶି ଫାଇଦା ମିଳିବ। ସେମାନଙ୍କ ଇଚ୍ଛାରେ ସରକାର ଗଠନ ହେବ ଏବଂ ଜାତୀୟ ରାଜନୀତିରେ ଦକ୍ଷିଣ ଭାରତ ରାଜ୍ୟମାନଙ୍କର ପ୍ରଭାବ ଆଉ ରହିବନାହିଁ। ତେଣୁ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ଲାଗି ସେ ୭ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ରାଜନୈତିକ ଦଳର ନେତାମାନଙ୍କୁ ଏକାଠି କରିବାକୁ ଉଦ୍ୟମ ଚଳାଇଛନ୍ତି। ଏହି ରାଜ୍ୟର ନେତାମାନଙ୍କୁ ନେଇ ଚେନ୍ନାଇରେ ଆସନ୍ତା ୨୨ ତାରିଖରେ ଏକ ବୈଠକର ଆୟୋଜନ କରୁଛନ୍ତି। ବୈଠକରେ ସାମିଲ ହେବା ଲାଗି ସେ ଦକ୍ଷିଣ ଭାରତ ରାଜ୍ୟର ନେତାମାନଙ୍କ ନିକଟକୁ ପ୍ରତିନିଧି ଦଳ ପଠାଉଛନ୍ତି। କଂଗ୍ରେସ ଶାସିତ ତେଲଙ୍ଗାନା ଓ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡୀ, ଭାରତୀୟ ରାଷ୍ଟ୍ରୀୟ ସିମିତି ନେତା କେ ଟି ରାମାରାଓଙ୍କୁ ଏହି ପ୍ରତିନିଧି ଦଳ ଭେଟି ଚେନ୍ନାଇ ବୈଠକରେ ଯୋଗଦେବା ଲାଗି ଅନୁରୋଧ କରିଛନ୍ତି। ପଶ୍ଚିମ ବଙ୍ଗ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ମଧ ତାଙ୍କ ପ୍ରତିନିଧି ଭେଟିଛନ୍ତି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଓ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଏହି ବୈଠକରେ ଯୋଗଦେବେ ବୋଲି ଜଣାଇ ସାରିଛନ୍ତି। ଜଗନମୋହନ ରେଡୀ ଏବଂ କେ ଟି ରାମାରାଓ ମଧ ଯୋଗଦେବେ। ସୀମା ପୁନଃନିର୍ଦ୍ଧାରଣ ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହେବାକୁ ଯାଉଥିବା କେରଳ ସରକାର ମଧ ନିଜ ପ୍ରତିନିଧି ପଠାଇବେ। ବିଜେପିର ଅନ୍ୟତମ ସହଯୋଗୀ ଟିଡିପି ମୁଖ୍ୟ ତଥା ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ମଧ ଷ୍ଟାଲିନ୍ ନିମନ୍ତ୍ରଣ କରିଛନ୍ତି। ଚନ୍ଦ୍ରବାବୁ ଚେନ୍ନାଇ ବୈଠକରେ ଯୋଗ ଦେଇ ନ ପାରନ୍ତି। କିନ୍ତୁ ଏହି ପ୍ରସଙ୍ଗରେ ସେ ମଧ ଚିନ୍ତିତ। ଯେଉଁଥିପାଇଁ ସେ ରାଜ୍ୟରେ ଅଧିକ ସନ୍ତାନ ଜନ୍ମ ପାଇଁ ପ୍ରୋତ୍ସାହନ ଦେବାକୁ ଘୋଷଣା କରିଛନ୍ତି। ଏହି ସାତଟି ରାଜ୍ୟର ନେତାମାନଙ୍କୁ ଏକାଠି କରିବା ଲାଗି ଷ୍ଟାଲିନଙ୍କ ଅଭିଯାନକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି କେନ୍ଦ୍ର ସରକାର।




## ମୁଠାଏ ସପନ

### ହରେରାମ ପଣ୍ଡା



ମେଘୁଆ ସଞ୍ଜରେ ମଉଳା ମନ ତୋ
ପଡ଼ି ଆସୁଥିଲା ଫିକା,
ତମ ଗାଆଁ ନଈ ନିରୋଳା ଘାଟରେ
ତୋ ସାଥିରେ ମୋର ଦେଖା ।
ବତୁରା ଓଠ ତୋ କହୁଥିଲା କିଛି
ତୋ ମନ ତଳର କଥା,
ବୁଝିବା ପଣରେ ଯେତିକି ବୁଝିଚି
ପାଇଚି ସେତିକି ବ୍ୟଥା ।
ନୀଳ ଆଖି ଧାରେ ଉଙ୍କି ମାରୁଥିଲା
ଖୋଜି ପାଇବାର ଆଶା,
କୁନ୍ତଳରେ ତୋର ଅବୁଝା ରାଗିଣୀ
କେମିତି ଅଜବ ନିଶା ।
ଭସାଣି ମେଘଟା ଠିକଣା ହଜେଇ
ହେଉଥିଲା ବାଟବଣା,
କେଉଁ ରାଇଜରେ ଘୁରି ବୁଲୁଥିଲେ
ଆମକୁ ନଥିଲା ଜଣା ।
ଚୁପି ଚୁପି ମତେ କହୁଥିଲୁ କିଛି
ଦୁହେଁ ଥିଲେ ପାଖାପାଖି,
କିଛି କିଛି କଥା ବୁଝୁଥିଲି ମୁହିଁ
କିଛି ରହିଗଲା ବାକି ।
ବୁଣି ଦେଇଗଲୁ ରଙ୍ଗର ମୁରୁଜ
ଅବୁଝା ମୋ ଛାତି ତଳେ,
ଖାଲି ଖାଲି ଆଜି ଲାଗେ ନଈକୂଳ
ରହିଲୁ ତୁ କେତେ ଦୂରେ ?
ରାଧା ବୋଲି ତତେ କହିନାହିଁ
କେବେ
କହିନାହିଁ ମୀରା ବୋଲି,
ମୁଠାଏ ସପନ ତତେ ଦେବାପାଇଁ
ସାଇତି ରଖିଚି ଖାଲି ।


ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।
କୁଆଁସ, ମେରଦା
କାଟିଆଛକ, ଯାଜପୁର
ମୋ:୯୪୩୮୦୬୫୧୯୫


# ସୁନା ଆମ ପାଇଁ କେତେ ଜରୁରୀ ?



**ବିଷ୍ଣୁ ପ୍ରସାଦ ଦାସ**

ଇତିହାସକୁ ଯଦି ଅବଲୋକନ କରିବା ତେବେ ଆମକୁ ଖ୍ରୀଷ୍ଟ ପୂର୍ବ ୪୦୦୦ ବର୍ଷ ତଳକୁ ଯିବାକୁ ପଡିବ, ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅନୁଯାଇ ପ୍ରାଚୀନ ମେସୋପଟାମିଆ ଯାହାକି ବର୍ତ୍ତମାନ ଇରାକ ରୂପେ ନାମିତ ହୋଇଅଛି ସେହିଠାରେ ସ୍ୱର୍ଣ୍ଣ ଏବଂ ସ୍ୱର୍ଣ୍ଣ କଳାକୃତିର ଆରମ୍ଭ ହୋଇଛି ବୋଲି କୁହା ଯାଇପାରେ । ଖ୍ରୀଷ୍ଟ ପୂର୍ବ ୨୫୦୦ ସମୟରେ ସୁମେରୀୟ ମାନେ ଲୁଇସ ବକ୍ସ ବ୍ୟବହାର ସହିତ ଆଲୁଭିଆଲ୍ ଜମା (ତୈଳ, ପଙ୍କ ତଥା ଅନ୍ୟାନ୍ୟ ପଦାର୍ଥ ଯାହାକି ପ୍ରବାହିତ ଜଳ ଦ୍ୱାରା ଏକତ୍ରିତ ହୋଇ ଥାଏ ) ଏବଂ ଭୂତଳ ଖଣିରୁ ସୁନା ବାହାର କରିବା ପାଇଁ କୌଶଳ ପ୍ରସ୍ତୁତ କରିଥିଲେ। ଖ୍ରୀଷ୍ଟପୂର୍ବ ୨୫୦୦ ମସିହାରେ ପ୍ରଥମ ଇଜିପ୍ଟ ରାଜବଂଶର ଜଣେ ରାଜାଙ୍କ ସମାଧିରେ ସୁନା ଅଳଙ୍କାର ମିଳିଥିଲା। ମିଶରୀୟ ମାନେ ଅଳଙ୍କାର, ଧାର୍ମିକ ବସ୍ତୁ ଏବଂ ମୁଦ୍ରା ପାଇଁ ସୁନା ବ୍ୟବହାର କରୁଥିଲେ । ସୁନା ପାଇଁ ଇଜିପ୍ଟର ସବୁଠାରୁ ଧନୀ ଅଞ୍ଚଳ ଥିଲା ନୁବିଆ, ଯେଉଁଠାରେ ବିଶ୍ୱର ପ୍ରଥମ ସକ୍ରିୟ ସୁନା ଖଣି ନିର୍ମାଣ ହୋଇଥିବା ଜଣାପଡିଛି । ପୃଥିବୀରେ ଏହି ସୁନା ପାଇଁ ଅନେକ ଯୁଦ୍ଧ ହୋଇଛି, ଲୁଟ୍ ହୋଇଛି ତଥାପି ସୁନାର ଆକର୍ଷଣ ରହିଥିଲା, ରହିଛି ଏବଂ ଆଗକୁ ମଧ ରହିବ । ଦର ଯେତେ ବଢ଼ିଲେ ମଧ ଗ୍ରାହକ ସୁନା କିଣିବେ ଏବଂ ଭବିଷ୍ୟତ ନିମନ୍ତେ ଗଚ୍ଛିତ ରଖିବେ । ବର୍ତ୍ତମାନ ସୁନାର ଚାହିଦା, ସୁନାର ଚୋରା କାରବାର ତଥା ସୁନା ଦ୍ୱାରା ଆତଙ୍କବାଦୀ କାର୍ଯ୍ୟକଳାପକୁ କିପରି ପ୍ରୋତ୍ସାହନ ମିଳୁଛି ତାହା ଉପରେ କିଛି ଆଲୋକପାତ କରିବା।

ନିକଟ ଅତୀତରେ କନ୍ନଡ଼ ଅଭିନେତ୍ରୀ ରାନୀଆ ରାଓ ବେଙ୍ଗାଲୁରୁ ଅନ୍ତର୍ଜାତୀୟ ବିମାନ ବନ୍ଦର ଠାରେ ୧୪.୨ କିଲୋଗ୍ରାମ ଅଘୋଷିତ ଚୋରା ସୁନା ଦୁବାଇରୁ ଆଣିବା ସମୟରେ ଧରା ହୋଇ ଗିରଫ ହେଲେ ଯାହାର ମୂଲ୍ୟ ପ୍ରାୟ ୧୨.୫୬ କୋଟି ଟଙ୍କା ହେବ । ତାଙ୍କ ବାପା କର୍ଣ୍ଣାଟକ ରାଜ୍ୟ ପୋଲିସର ସର୍ବୋଚ୍ଚ କର୍ତ୍ତା ଏବଂ ଝିଅ ରାନୀଆ ରାଓ ଏକ ଅଭ୍ୟାସଗତ ଚୋରା ସୁନା ବାହକ ବା ଏଜେଣ୍ଟ, ବାପାଙ୍କ କ୍ଷମତାର ଅପବ୍ୟବହାର କରି ଝିଅ ଅଳ୍ପ ଦିନ ମଧ୍ୟରେ କୋଟି କୋଟି ଟଙ୍କାର ମାଲିକାଣି ହୋଇ ପାରିଛନ୍ତି ହୁଏତ ତାଙ୍କ ସ୍ୱାମୀ ମଧ ଉକ୍ତ କାର୍ଯ୍ୟରେ ତାଙ୍କୁ ସହଯୋଗ କରି ଆସିଛନ୍ତି । କେବଳ ଏହି ମହିଳା ଜଣକ ନୁହେଁ ଏହିପରି ଅନେକ ଅଭ୍ୟାସଗତ ବ୍ୟକ୍ତି ବିଶେଷ ଏହିପରି କୁତ୍ସିତ କାର୍ଯ୍ୟରେ ଲିପ୍ତ, କିଛି ସରକାରୀ ବାବୁ, ଏଆର୍ ହୋଷ୍ଟେସ୍, ବିମାନ ବନ୍ଦର କର୍ମଚାରୀ, ଚୋରା ବେପାରୀ ମାନଙ୍କ ଏଜେଣ୍ଟ, ସାଜିଛନ୍ତି, କେହି ମଳ ଦ୍ୱାର/ ଯୌନାଙ୍ଗ ଭିତରେ ତ କେହି ଜୋତା ଚପଲ, ଖେଳନା, ଆଶାବାଡ଼ି, ଚୁଟି, ପ୍ରସାଧନ ସାମଗ୍ରୀ ଭିତରେ ତ କେହି ଅନ୍ତଃ ବସ୍ତ୍ର ଭିତରେ ତ କେହି ତରଳ ପ୍ରଲେପ ଦ୍ୱାରା ନିଜ ବସ୍ତ୍ର ମଧ୍ୟରେ ଆଣି ଥା'ନ୍ତି । କେବଳ ବିମାନ ଦ୍ୱାରା ଏହି ଚୋରା କାରବାର ହୁଏ ନାହିଁ ଏଥି ପାଇଁ ଜଳପଥ, ସ୍ଥଳ ପଥ ତଥା ପଶୁ ପକ୍ଷୀ ମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରା ହୁଏ । ପ୍ରତି ବର୍ଷ ଟନ୍ ଟନ୍ ଚୋରା ସୁନା ଜବତ ହୁଏ ଦୋଷୀ କେତେ ଦଣ୍ଡ ପାଆନ୍ତି କେତେ ଜରିମାନା ଦେଇ ଖଲାସ ହୁଅନ୍ତି ତାହା ନ୍ୟାସନାଲ କ୍ରାଇମ ରେକର୍ଡ ରୁ ହିଁ ବୁଝା ପଡେ। ଚୋରା ସୁନା ଦ୍ୱାରା ଭାରତୀୟ ଅର୍ଥନୀତି ଦିନକୁ ଦିନ ଦୁର୍ବଳ ହୋଇ ଯାଉଛି ବୋଲି ଅନେକ ଗୁଣି ଜ୍ଞାନୀ ବ୍ୟକ୍ତିଙ୍କ ମତ, ଭାରତରେ ୮୭,୫୦୦ କୋଟି ଟଙ୍କାର ଚୋରା ସୁନା କାରବାର କିଛି ଛୋଟ କଥା ନୁହେଁ ।

ତେବେ ଚୋରା ସୁନା ଦେଶ ଭିତରକୁ ଏତେ ମାତ୍ରାରେ କାହିଁକି ଆସୁଛି ? ଏହା ଦ୍ୱାରା ଚୋରା ବେପାରୀ କେତେ ଲାଭବାନ ହେଉଛନ୍ତି? ଏହା ପଛରେ କେବଳ ଆମଦାନୀ ଶୁଳ୍କ ଠକିବାର ପ୍ରୟାସ ହେଉଛି ନା ଅନ୍ୟ କିଛି ? କଳେ ବଳେ କୌଶଳେ ସରକାରଙ୍କୁ ଶୁଳ୍କ ନଦେଇ ଚୋରା ସୁନା ଆଣି ପାରିଲେ ବ୍ୟବସାୟୀ ଲାଭବାନ ହୋଇ ପାରୁଛି । କଥାରେ ଅଛି 'ଲୋଭରୁ ପାପ ଏବଂ ପାପରୁ ମୃତ୍ୟୁ କିନ୍ତୁ ବର୍ତ୍ତମାନ ସମୟରେ ଲୋଭରୁ ପାପ ଏବଂ ପାପରୁ ବିଳାସପୂର୍ଣ୍ଣ ଜୀବନ, ଧରା ପଡିଲେ କିଛି ମାସର ଜେଲ ତା' ପରେ ପୁଣି ରାଜକୀୟ ଠାଣିରେ ଜୀବନଚର୍ଯ୍ୟା । ତେବେ ପୂର୍ବରୁ ଏହି ଶୁଳ୍କ ୧୫% ପ୍ରତିଶତ ଥିବା ବେଳେ ବର୍ତ୍ତମାନ ସରକାର ଚୋରା କାରବାର ଉପରେ ଅଙ୍କୁଶ ଲଗାଇବାକୁ ଯାଇ ସୁନା ଉପରୁ ଆମଦାନୀ ଶୁଳ୍କ ଜୁଲାଇ ୨୦୨୪ ମସିହା ଠାରୁ ହ୍ରାସ କରି ୬% ପ୍ରତିଶତ କରି ଦେଇଛନ୍ତି । ଏହା ଦ୍ୱାରା କିଛି ପରିମାଣରେ ଚୋରା ସୁନା କାରବାର କମାଇ ଦିଆ ଯାଇଛି, କିନ୍ତୁ ଚୋର ସଦା ସର୍ବଦା ଚୋରି କରିବ ହିଁ କରିବ, ୬% ପ୍ରତିଶତ ଆମଦାନୀ ଶୁଳ୍କ ମାନେ ପ୍ରତି କିଲୋଗ୍ରାମ ସୁନା ଦର ଯଦି ୯୦ ଲକ୍ଷ (୧୯ ମାର୍ଚ୍ଚ ୨୦୨୫ ସୁନା ଦର ଅନୁପାତରେ) ତେବେ ତାହାର ୬% ପ୍ରତିଶତ ହେଉଛି ୫ ଲକ୍ଷ ୪୦ ହଜାର ଟଙ୍କା। ଏଠାରେ ଯଦି କନ୍ନଡ଼ ଅଭିନେତ୍ରୀଙ୍କ କଥା ଦେଖିବା ତେବେ ସେ ସାଥିରେ ଆଣିଥିବା ୧୪ .୨ କିଲୋଗ୍ରାମ ସୁନାର ମୂଲ୍ୟ ପ୍ରାୟ ୧୨.୫୬ କୋଟି (ଯାହା ସରକାରୀ ସ୍ତରରେ ଆକଳନ କରାଯାଇଥିଲା) ଏବଂ ଏହାର ୬% ପ୍ରତିଶତ ହେଉଛି ୭୫.୩୬ ଲକ୍ଷ ଟଙ୍କା ସେଥିରୁ ତାଙ୍କ ପାରିଶ୍ରମିକ କିଲୋ ପ୍ରତି ୧ ଲକ୍ଷ ପାଉଛନ୍ତି, ଯଦି ସେ ଧରା ପଡି ନଥାନ୍ତେ ତେବେ ସେ ୧୪. ୨୦ ଲକ୍ଷ ଟଙ୍କା ପାଇ ଥାନ୍ତେ । କନ୍ନଡ଼ ଅଭିନେତ୍ରୀ ବର୍ଷକ ମଧ୍ୟରେ ୩୦ ଥର ଦୁବାଇ ଯାଇଥିଲେ ଏହା ବହିଃ ଶୁଳ୍କ ବିଭାଗକୁ ଚମକାଇ ଦେଇଥିଲା ଏବଂ ସେ ସନ୍ଦେହ ଘେରରେ ଥିଲେ ଶେଷରେ ସବୁ ଚାଲାଖିର ଅନ୍ତ ଘଟିଲା ଏହା କିପରି ସମ୍ଭବ ହେଉଛି? ଦୁବାଇ ପରି ବିମାନ ବନ୍ଦରରେ ଏତେ କଠୋର ତ୍ରିସ୍ତରୀୟ ଯାଞ୍ଚ ବ୍ୟବସ୍ଥାକୁ ଏଡାଇ ଯାଇ ବିମାନରେ ସୁନା ଆସୁଛି ତାହା ପୁଣି ଖୁବ୍ ଚତୁରତାର ସହିତ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରୁଛି । ୧. ସିଧା ସଳଖ ଦୁବାଇରୁ ଭାରତ ନ ଆସି ଦୁବାଇରୁ ନାଇରବି (କେନିଆ) ପୁଣି କେନିଆରୁ ଭାରତ ଆସିଲେ ହୁଏତ କେହି ସନ୍ଦେହ କରିବେନି, ୨. ଯଦି ସୁନା ଭାରତ ନ ଆସି ନେପାଳର କାଠମାଣ୍ଡୁ ଆସୁଛି ତେବେ ତାହା ଖୁବ୍ ସହଜରେ ବିନା ବାଧାରେ ଭାରତରେ ପ୍ରବେଶ କରୁଛି, ୩. ବାଂଲାଦେଶ ସୀମା ବାଟେ ଭାରତରୁ ଗୋଚାଲାଣ ହୁଏ ଏବଂ ସୁନା ଭାରତକୁ ଏଜେଣ୍ଟ ଦ୍ୱାରା ଆସୁଛି, ୪. ଶ୍ରୀ ଲଙ୍କା ଦେଶରୁ ସମୁଦ୍ର ମଧ ଦେଇ ମାଛ ଧରା ନୌକା ସାହାଯ୍ୟ ରେ ତାମିଲ୍ ନାଡୁ ଉପକୂଳ ଦେଇ କୋଟି କୋଟି ଟଙ୍କାର ସୁନା ଚୋରାରେ ପ୍ରବେଶ କରୁଛି, ୫. କିଛି ସ୍ଥାନରେ ପଶୁ ମାନଙ୍କ ଦ୍ୱାରା ମଧ ଏହି କାର୍ଯ୍ୟ ସମ୍ପାଦନ ହେଉଛି, ୬. ପାକିସ୍ତାନ ମଧ ଆତଙ୍କବାଦୀଙ୍କ ଜରିଆରେ ଭାରତରେ ଚୋରା ସୁନା କାରବାର କରୁଛି । ଏହି ପ୍ରକାର କାର୍ଯ୍ୟ କଳାପ ରୋକିବା ଯଦିଓ ସମ୍ପୂର୍ଣ୍ଣ ସମ୍ଭବ ନୁହେଁ ତଥାପି ନିଷ୍ଠାର ସହିତ ସଂପୃକ୍ତ ବିଭାଗ ଗୁଡିକ ଯଦି କାର୍ଯ୍ୟ କରିବେ ତେବେ ନିଶ୍ଚିତ ସୁଫଳ ମିଳି ପାରିବ । ଚୋରା ସୁନା ଆମଦାନୀ ଦ୍ୱାରା ଭାରତ ଉପରେ ପଡୁଥିବା ଅର୍ଥନୈତିକ ଚାପ ବଢି ବଢି ଯାଉଛି, ୨୦୨୩ -୨୪ ମସିହାର ସେଣ୍ଟ୍ରାଲ ବୋର୍ଡ ଅଫ ଇନ୍ ଡାଇରେକ୍ଟ ଟାକ୍ସ ଆଣ୍ଡ କଷ୍ଟମ୍ ଏବଂ ଡାଇରେଟୋରିଏଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ ବିଭାଗର ରିପୋର୍ଟ କୁ ମିଶାଇଲେ ଜଣାପଡେ ଯେ, ଭାରତରେ ଆନୁମାନିକ ୧୫୦ ରୁ ୨୦୦ ଟନ୍ ସୁନା ବିନା ଟିକସରେ ପ୍ରବେଶ କରୁଛି ଏବଂ ସେଥିରୁ ମାତ୍ର ୫% ପ୍ରତିଶତ ଧରା ହେଉଛି , ୯୫% ଗଳା ବାଟ ଦେଇ ଖସି ଯାଉଛି । ଅନୁମାନ କରନ୍ତୁତ? ଦେଶର କେତେ କ୍ଷତି ହେଉଛି ଏବଂ ଚୋରା ବେପାରୀ ମାନେ କେତେ ଲାଭ ପାଉଛନ୍ତି ? ଦେଶ ପ୍ରାୟ ୯୦୦୦ କୋଟି ଟଙ୍କାର ରାଜସ୍ୱ ହରାଉଛି । ତାହା ଛଡା ଏହି କଳା ଟଙ୍କା ଭାରତରେ ବିଭିନ୍ନ ଶିଳ୍ପ ସଂସ୍ଥାରେ ଉପଯୋଗ ହେଉଛି, ନକ୍ସଲ, ଆତଙ୍କବାଦୀଙ୍କ ପାଖକୁ ଏହି ଟଙ୍କା ଚାଲି ଯାଉଛି ତଥା ଅନେକ ବଡ଼ ବଡ଼ିଆ କଳା ଟଙ୍କାକୁ ନେଇ ସୁଇସ୍ ବ୍ୟାଙ୍କରେ ଜମା ରଖୁଛନ୍ତି । ଭାରତୀୟ ଟଙ୍କାର ମୂଲ୍ୟ ଧୀରେ ଧୀରେ କମି ଯାଉଛି ବର୍ତ୍ତମାନ ଏକ ଆମେରିକୀୟ ଡଲାର ପ୍ରାୟ ୮୭ ଟଙ୍କା, କୁହନ୍ତୁତ ଏଥିପାଇଁ କିଏ ଦାୟୀ? ଆମେ ନା ସରକାର ନା ଚୋରା ବେପାରୀ? ଭାରତୀୟ ମାନେ ଯେତେ ସୁନା କିଣନ୍ତି ତାହା ପୃଥିବୀରେ ଅନ୍ୟଦେଶ ମାନଙ୍କ ଠାରୁ ସର୍ବାଧିକ, ସୁନା ପାଇଁ ଆମ ମାନଙ୍କ ମଧ୍ୟରେ ଖୁବ ଦୁର୍ବଳତା ରହିଯାଇଛି ଏବଂ ଭାରତୀୟ ନାରୀ ମାନଙ୍କର ସୁନା କିଣିବାର ଆଗ୍ରହ ଦିନକୁ ଦିନ ବଢି ଚାଲି ଥିବାରୁ ସୁନାର ଅହେତୁକ ମୂଲ୍ୟ ବୃଦ୍ଧି ସହିତ ଚୋରା ବେପାରୀଙ୍କୁ ଅନେକ ଲାଭ ମିଳୁଛି । ଦେଶରେ ଏତେ ସୁନା ଗଛିତ ଥାଇ ମଧ ସରକାର ମୁଦ୍ରା ମୂଲ୍ୟକୁ ନିମ୍ନଗାମୀ ହେବାରୁ ବଞ୍ଚିତ କରି ପାରୁ ନାହାନ୍ତି । ଅନେକ କୁଖ୍ୟାତ ଦାଗୀ, ଦେଶ ଦ୍ରୋହି, ଆତଙ୍କବାଦୀ ଅସାଧୁ ସରକାରୀ ଅଧିକାରୀ, ମନ୍ତ୍ରୀ ଯନ୍ତ୍ରୀ ମାନେ ମଧ ଏହି କାରବାର ସହିତ ଜଡିତ ଅଛନ୍ତି। ଏମାନଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଦ୍ୱାରା ହିଁ ଭାରତର ଜି:ଡି:ପି ବଢିବ ତଥା ଆମେରିକୀୟ ଡଲାର ସହିତ କିଛି ମାତ୍ରାରେ ସମକକ୍ଷ ହୋଇ ପାରିବ ବୋଲି ଆଶା କରାଯାଏ। ଜୟ ହିନ୍ଦ ।


ସମ୍ମାନ ସହ
(ବରିଷ୍ଠ ନାଗରିକ)
ସ୍ନେହ କୁଟୀର , ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ : ୯୯୩୭୧୭୪୦୯୭


# ମଧୁ ବର୍ଣ୍ଣବୋଧରେ ବିଲେଇ ଓ ହରିଣ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଛବିଳ ମଧୁ ବର୍ଣ୍ଣବୋଧ ଓଡ଼ିଶାର ଏକ ଶିଶୁ ପୁସ୍ତକ ଅଟେ । ଏହା ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ୧୮୯୫ ମସିହାରେ ଲେଖା ଯାଇଥିଲା । ଓଡ଼ିଆ ଭାଷା ଶିଖିବା ପାଇଁ ବିଶେଷ କରି ପିଲାମାନଙ୍କ ପାଇଁ ଏକ ସଂପୂର୍ଣ୍ଣ ପୁସ୍ତକ ଅଟେ। ଏଥିରେ ଓଡ଼ିଆ ବର୍ଣ୍ଣମାଳା ସହ ମାତ୍ରା ଓ ଯୁକ୍ତାକ୍ଷର ରହିଛି, ଯାହାକି ପିଲାଙ୍କ ମନେ ରହିବା ପରି ଲେଖା ମାନଙ୍କରେ ଦର୍ଶାଯାଇଛି । ଏହି ବହିଟିରେ ଇଂରାଜୀ ଏବଂ ହିନ୍ଦୀ ବର୍ଣ୍ଣମାଳା ମଧ ଅଛି । ଏଥି ସହିତ ବହି ଶେଷରେ ପ୍ରାର୍ଥନା ଓ ପଣକିଆ ବହିଟିକୁ ଏକ ସଂପୂର୍ଣ୍ଣ ପ୍ରାଥମିକ ପୁସ୍ତକ କରିଛି । ଛବିଳ ମଧୁ ବର୍ଣ୍ଣବୋଧର ପ୍ରଥମ ସଂସ୍କରଣ ଲଣ୍ଡନଠାରେ ପ୍ରକାଶ କରାଯାଇଥିଲା । ୧୯୬୦ ବେଳକୁ ଏହି ବହି ବଜାରରେ ଆଉ ମିଳୁ ନଥିଲା । ଏହାର ବିକଳ୍ପ ଭାବରେ ଛବିଳ ବର୍ଣ୍ଣବୋଧ, ମଧୁ ବର୍ଣ୍ଣବୋଧ ଓ ସହଜ ମଧୁ ବର୍ଣ୍ଣବୋଧ ନାମରେ ଅନେକ ବହି ବିକ୍ରୀ ହେଉଥିଲା । ସେହିପରି ୨୦୧୪ ମସିହାରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ବହିଟିକୁ ପୁନଃ ପ୍ରକାଶନ କରି ଅନେକ ତ୍ରୁଟି ବିଚ୍ୟୁତି ଯୋଗୁ ବିବାଦ ଘେରକୁ ଆସିଥିଲା। ତେବେ ଏବେ ଏ ବହିଟି ନୂତନ ଭାବରେ ପ୍ରକାଶ ହୋଇଥିବାରୁ ପୁଣି ଏହା ମଧ୍ୟ ବିବାଦ ଘେରରେ ରହିଛି ।

ନିକଟରେ ଭକ୍ତକବି ମଧୁସୂଦନ ରାଓ ଛବିଳ ମଧୁ ବର୍ଣ୍ଣବୋଧ ବହି ପ୍ରକାଶ କରିଛନ୍ତି ବର୍ତ୍ତମାନର ଓଡ଼ିଆ ସରକାର । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ 'ବର୍ଣ୍ଣବୋଧ'ର ପୁନଃମୁଦ୍ରିତ ସଂସ୍କରଣ ଓ ଏହାର ଡିଜିଟାଲ କପି ଉନ୍ମୋଚନ କରିଛନ୍ତି ବର୍ତ୍ତମାନର ଓଡ଼ିଶା ସରକାର । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଧ କହିଥିଲେ ଯେ ଚଳିତ ବର୍ଷ ଏହି ପୁସ୍ତକର ୧୦ ହଜାର କପି ଛପାଇବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ପବିତ୍ର ଶ୍ରୀ ପଞ୍ଚମୀ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଜନ୍ମତିଥି ଅବସରରେ ତାଙ୍କ ରଚିତ ବର୍ଣ୍ଣବୋଧକୁ ନୂତନ ଭାବେ ପ୍ରକାଶ କରିବା ଭକ୍ତକବିଙ୍କ ପ୍ରତି ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମଧ ସେ କହିଥିଲେ । ଏହି ପରିପ୍ରେକ୍ଷୀରେ ସେ ଆହୁରି କହିଥିଲେ ଯେ ଓଡ଼ିଆ ଭାଷାର ନିଜତ୍ୱ, ମୂଳ ସ୍ୱରୂପକୁ ଜନମାନସରେ ଆଦୃତ କରିବା ପାଇଁ ଲେଖା ହୋଇଥିଲା 'ବର୍ଣ୍ଣବୋଧ' ଓ ଏହାର ରଚୟିତା ଭକ୍ତକବି ମଧୁସୂଦନ ରାଓ ଅତି ଚମତ୍କାର ଭାବେ ଅକ୍ଷର, ବର୍ଣ୍ଣ, ଯୁକ୍ତାକ୍ଷର, ଶବ୍ଦ, ଶବ୍ଦ ଗଠନ, ବାକ୍ୟ ଗଠନକୁ କିପରି ସରଳ ଭାବେ କୋମଳମତି ଛାତ୍ରଛାତ୍ରୀଙ୍କୁ ଶିଖାଇ ହେବ ଏହି ପୁସ୍ତକରେ ପ୍ରତିପାଦିତ ହୋଇଛି । ବର୍ଣ୍ଣବୋଧର ଭାଷା ଥିଲା ଅତ୍ୟନ୍ତ ସହଜ ଓ ସରଳ। ପଶୁ, ପକ୍ଷୀ, ସକାଳ, ସନ୍ଧ୍ୟା, ଆଖପାଖର ଦୃଶ୍ୟ ଭଳି ସହଜ ଉଦାହରଣ ସବୁ ଦେଇ, ଭକ୍ତକବି କୋମଳ ମନକୁ ଆକର୍ଷିତ କରିଥିଲେ। ଏହି ବହିଟି ଅତି କମ୍ ଦିନରେ ପ୍ରତ୍ୟେକ ଓଡ଼ିଆ ପରିବାରର ଅଂଶ ପାଲଟିଗଲା। ୧୮୯୫ରେ ବହିଟି ପ୍ରଥମେ ପ୍ରକାଶିତ ହୋଇଥିଲା। ଏହାର ଲୋକପ୍ରିୟତା ଏଭଳି ବଢିଥିଲା ଯେ ୧୮୯୫ରୁ ୧୯୦୧ ଭିତରେ ବହିର ଆଠଟି ସଂସ୍କରଣ ହୋଇଥିଲା। ଆମେ ସବୁ ଏହି 'ବର୍ଣ୍ଣବୋଧ'କୁ ପଢି ବଡ଼ ହୋଇଛୁ, ଓଡିଆ ଭାଷାକୁ ଶିଖିଛୁ। ବର୍ଣ୍ଣବୋଧ ଆମ ମାଟି, ପାଣି ଓ ପବନରେ ପ୍ରଗାଢ଼ ଆସ୍ଥାର ଅଣୁ ପରମାଣୁ ହେଇ ସଂଚରି ଯାଇଛି। ଆମ ପାଇଁ 'ବର୍ଣ୍ଣବୋଧ' କହିଲେ ଥିଲା, 'ଛବିଳ ମଧୁ ବର୍ଣ୍ଣବୋଧ'। ତେବେ ବର୍ଣ୍ଣୋବୋଧ ର ପ୍ରଚ୍ଛଦ ବଦଳିବା ଏବେ କିଛି ଲୋକଙ୍କୁ ଦୁଃଖ ଦେଇଛି ଓ ଏହାକୁ ନେଇ ସମାଲୋଚନା ମଧ ହୋଇଛି। ୧୮୫୩ରେ ଜନ୍ମିତ ମଧୁସୂଦନ ରାଓ ୧୮୯୫ରେ ବର୍ଣ୍ଣବୋଧର ରଚନା କରିଥିଲେ । ଯେଉଁଥିରେ ଓଡ଼ିଆର ଅକ୍ଷର, ବର୍ଣ୍ଣ, ଆକାର, ଶବ୍ଦ ବାବଦରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ପରେ ଏଥିରେ ଛବି ଯୋଡ଼ାଯାଇ ପ୍ରଚ୍ଛଦରେ ବିଲେଇର ଫଟୋ ଥାଇ ଛବିଳ ମଧୁ ବର୍ଣ୍ଣବୋଧ ଭାବେ ବ୍ୟାପକ ଭାବେ ଆଦୃତ ହେଲା । ହେଲେ ଏବେର ସଂସ୍କରଣ ରେ ବିଲେଇ ବଦଳରେ ହରିଣ ପ୍ରଚ୍ଛଦ ଓ ରଙ୍ଗ କୁ ନେଇ କିଛି ଭାଷାବିତ୍ ଓ ବୁଦ୍ଧିଜିବୀ ମାନେ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ବର୍ତ୍ତମାନ ନୂତନ ରୂପେ ବଦଳି ଥିବା ବର୍ଣ୍ଣବୋଧରେ, ବିଲେଇ ବଦଳରେ ପ୍ରଚ୍ଛଦ ପୃଷ୍ଠାରେ ହରିଣ ଚିତ୍ର ସ୍ଥାନ ପାଇଛି। କଳାଧଳା ବଦଳରେ ରଙ୍ଗୀନ ହୋଇଛି ବର୍ଣ୍ଣବୋଧ । କାନ୍ଥବାଡ଼, କୋଠାବାଡ଼ିର ରଙ୍ଗ ଭଳି ବର୍ଣ୍ଣବୋଧ ବି ବିଭିନ୍ନ ରଙ୍ଗରେ ପ୍ରକାଶିତ ହୋଇଛି ଓ ଏହା ମଧ କୁହା ଯାଇଚି ଯେ ବିଲେଇ ବଦଳରେ ହରିଣ ଫଟୋ ଥିଲେ ବି ଏହାର ମୌଳିକତା ବଜାୟ ରହିଛି । ହେଲେ ବର୍ଣ୍ଣବୋଧର ନୂତନ ସଂସ୍କରଣ ଓ ଏହାର ଲେଖା, ଛବିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଭାଷାବିତ ଓ ବୁଦ୍ଧିଜିବୀ ମାନେ । ୧୮୯୫ରେ ପ୍ରକାଶିତ ପ୍ରଥମ ସଂସ୍କରଣ ବହିର ନାଁ ଥିଲା ବର୍ଣ୍ଣବୋଧ । ପରେ ଏହାକୁ ଆଉ ଏକ ପ୍ରକାଶନ ସଂସ୍ଥା ଏଥିରେ କିଛି ଛବି ଯୋଡ଼ି ଛବିଳ ମଧୁ ବର୍ଣ୍ଣବୋଧ ନାଁରେ ବଜାରକୁ ଆସିଥିଲା । ହେଲେ ବିଲେଇ ଫଟୋ ଥିବା ଛବିଳ ମଧୁ ବର୍ଣ୍ଣବୋଧ ବ୍ୟାପକ ଭାବେ ଆଦୃତ ହୋଇଥିଲେ ବି ବହିର ଟାଇଟଲ ସହ ମଧୁବାବୁଙ୍କ କିଛି ସମ୍ପର୍କ ନଥିଲା । ନୂତନ ସଂସ୍କରଣ ଓଡ଼ିଆ ଅସ୍ମିତାର ପ୍ରତୀକ ବୋଲି କୁହାଯାଉଥିବା ବେଳେ ପୁରୁଣା ବହିରେ ଥିବା ବିଲେଇର ଛବିକୁ ହଟାଇ ଥିବା କୁ ନେଇ ଏହାକୁ ନାପସନ୍ଦ କରିଛନ୍ତି ଭାଷାବିତ ମାନେ।

ଆମେ ଯଦି ଟିକେ ମଧୁସୂଦନ ରାଓଙ୍କ ବିଷୟରେ ଆଲୋକପାତ କରିବା ତେବେ ଏହାର ମୂଳ କଥାକୁ ଜାଣି ପାରିବା । ପଶୁ, ପକ୍ଷୀ, ସକାଳ, ସନ୍ଧ୍ୟା, ଆଖପାଖର ଦୃଶ୍ୟ ଭଳି ସହଜ ଉଦାହରଣ ସବୁ ଦେଇ, ଭକ୍ତକବି ମଧୁସୂଦନ ରାଓ କୋମଳ ମନକୁ ଆକର୍ଷିତ କରିଥିଲେ ମୂଳ ଲେଖା ମଧୁ ବର୍ଣ୍ଣବୋଧରେ । ଏହି ବହିଟି ପ୍ରତ୍ୟେକ ଓଡ଼ିଆ ପରିବାରର ଅଂଶ ପାଲଟି ଥିଲା । ଘରେ ଘରେ ବର୍ଣ୍ଣବୋଧ ବେଶ୍ ପରିଚିତ ଥିଲା । ୧୮୯୫ ରେ ବହିଟି ପ୍ରଥମେ ପ୍ରକାଶିତ ହୋଇଥିଲା । ଏହାର ଲୋକପ୍ରିୟତା ଏଭଳି ବଢିଗଲା ଯେ ୧୮୯୫ରୁ ୧୯୦୧ ଭିତରେ ବହିର ଆଠଟି ସଂସ୍କରଣ ହୋଇଥିଲା । ଏହା ସତ୍ୟ ଯେ ଓଡିଶାର ପ୍ରତି ପୁରପଲ୍ଲୀରେ, ଗାଁରେ, ସହରରେ ବର୍ଣ୍ଣବୋଧ ଆମ ମାନଙ୍କର ମାଟି, ପାଣି ଓ ପବନରେ ପ୍ରଗାଢ଼ ଆସ୍ଥାର ଅଣୁ ପରମାଣୁ ହେଇ ସଂଚରି ଯାଇଥିଲା । ଆମ ପାଇଁ 'ବର୍ଣ୍ଣବୋଧ' କହିଲେ ଥିଲା, 'ଛବିଳ ମଧୁ ବର୍ଣ୍ଣବୋଧ'। ଓଡ଼ିଆ ଭାଷା ଶିକ୍ଷାଦାନ କରିବା ପାଇଁ ବର୍ଣ୍ଣବୋଧର ବିକଳ୍ପ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ସରଳ ଭାଷାରେ ଓ ଛୋଟ ଛୋଟ ପଦ୍ୟ ମାଧ୍ୟମରେ ଶିକ୍ଷାଦାନକୁ ସେ ବୋଧଗମ୍ୟ କରିଥିଲେ ଯାହା ଅଦ୍ୱିତୀୟ । ବର୍ଣ୍ଣବୋଧ, ପ୍ରତି ଓଡ଼ିଆଙ୍କ ପ୍ରିୟ ପୁସ୍ତକ। ଏହା ଗୋଟିଏ ରାଜ୍ୟ ତଥା ସମୃଦ୍ଧ ଜାତିର ଶିକ୍ଷାକୁ କାଳ କାଳ ଧରି ପ୍ରଭାବିତ କରି ଆସିଥିବା ଏକ ଚିରନ୍ତନ ମହକ। ୧୩୦ ବର୍ଷ ପରେ ମଧ ଏହାର ବିକଳ୍ପ ନାହିଁ ।

ଓଡ଼ିଆ ଭାଷା ଅସ୍ମିତାର ପରିଚୟ ହେଉଛି 'ବର୍ଣ୍ଣବୋଧ'। ଶିଶୁ ସାହିତ୍ୟର ପ୍ରାଣପ୍ରତିଷ୍ଠାତା ମଧୁସୂଦନ ରାଓ 'ବର୍ଣ୍ଣବୋଧ' ମାଧ୍ୟମରେ ଓଡ଼ିଆ ଭାଷାକୁ ବର୍ଣ୍ଣ ପରିଚୟ ଦେଇଛନ୍ତି। ଓଡ଼ିଆ ବର୍ଣ୍ଣ, ମାତ୍ରା, ଯୁକ୍ତାକ୍ଷର, ବନାନ, ଉଚ୍ଚାରଣ ଓ ଶବ୍ଦ ଗଠନ ଆଦି ଶିକ୍ଷା ପାଇଁ ବର୍ଣ୍ଣବୋଧ ଯେତିକି ଉପାଦେୟ, ସେତିକି ଅପରିହାର୍ଯ୍ୟ। ହେଲେ ଓଡ଼ିଆ ଭାଷା ଓ ବର୍ଣ୍ଣମାଳା ଶିକ୍ଷାର ମୂଳଦୁଆଭାବେ ପରିଚିତ ବର୍ଣ୍ଣବୋଧ ଆଉ ବଜାରରେ ଆଖି ଦୃଶିଆ ମିଳୁନି । ଆଜିର ଅତ୍ୟାଧୁନିକ ଟେକ୍ନୋଲୋଜି ପାଠ୍ୟକ୍ରମ ଯୁଗରେ ଓଡ଼ିଆ ବର୍ଣ୍ଣ ପରିଚୟ ନିମନ୍ତେ ଏକାଧିକ ପୁସ୍ତକ ଓ ଅଧ୍ୟୟନ କୌଶଳ ପ୍ରକାଶିତ ହୋଇଛି । ହେଲେ ବର୍ଣ୍ଣବୋଧ ଆଜି ବି ଶିକ୍ଷାର୍ଥୀ, ଶିକ୍ଷକ ଓ ଅଭିଭାବକ ମହଲରେ ନିଜ ଲୋକପ୍ରିୟତା ହରାଇନି । ଶ୍ରେଷ୍ଠ ଓଡ଼ିଆ-ବର୍ଣ୍ଣ ପରିଚୟ ପୁସ୍ତକଭାବେ ଏହାର ଆଦୃତି ଏବେ ବି ରହିଛି ଯୁଗ ଯୁଗ ପାଇଁ ରହିଥିବ ମଧ । କିନ୍ତୁ କିଛି ବେପାରୀ ପ୍ରକାଶକ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧକୁ ବିକୃତ କରି ଛାପିବାରୁ ଏହାର ମୌଳିକତା କିଛି ନଷ୍ଟ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଛବିଳ ମଧୁ ବର୍ଣ୍ଣବୋଧ, ଏହା ଏମିତି ଏକ ଉପାଦେୟ ବହି, ଯାହା ଯୁଗୋପଯୋଗୀ ଯାହାକି, ଭାଷା ଶୁଦ୍ଧ ହେବା ସହିତ ପିଲାଙ୍କ ଲେଖା ଶୈଳୀରେ ମଧ ପରିମାର୍ଜିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ହେଲେ, ସମୟ ସୁଅରେ ଏବେ ଭାଷି ଯାଇଛି ଏହି ବିଲେଇ ବହି ବା ଛବିଳ ମଧୁ ବର୍ଣ୍ଣବୋଧ ।

ଛବିଳ ମଧୁ ବର୍ଣ୍ଣବୋଧ, ଦେଖିବାକୁ ଛୋଟ ଚଟି ବହିଟିଏ । ଯାହାର ରଚୟିତା ଭକ୍ତ କବି ମଧୁସୂଦନ ରାଓ । ସମୟ ଥିଲା ଛୋଟ ପିଲା ମାନଙ୍କର ଛବିଳ ମଧୁ ବର୍ଣ୍ଣବୋଧ ବିନା ଓଡ଼ିଆ ଭାଷାର ମୂଳଦୁଆ ଭାବେ କଳ୍ପନା କରିହେଉ ନଥିଲା । ସେତେବେଳେ ପିଲା ମାନଙ୍କର ମଧୁ ବର୍ଣ୍ଣବୋଧ ଚାଟଶାଳି ଓ ପ୍ରାଥମିକ ବିଦ୍ୟାଳୟରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ଯାହାକି, ଓଡିଶା ମାଟିର ସବୁ ପିଲାଙ୍କ ପାଇଁ ଏହି ଛବିଳ ମଧୁ ବର୍ଣ୍ଣବୋଧ ବହିଟି ଆଦ୍ୟ ଗୁରୁ ଅଟେ । ବର୍ତ୍ତମାନ ସମୟରେ ପିଲାମାନେ ଇଂରାଜୀରୁ ପାଠ ପଢିବା ଆରମ୍ଭ କଲେଣି । ପିଲାଙ୍କ ମନ ଭିତରୁ ଓଡ଼ିଆ ଶିକ୍ଷା ବିଲୁପ୍ତ ହେବାସହ ଇଂରାଜୀ ଆପଣେଇଲେଣି । ଯାହା ଫଳରେ ଛବିଳ ମଧୁ ବର୍ଣ୍ଣବୋଧ ପିଲାଙ୍କ ମନରୁ ଦୁରେଇବାକୁ ବସିଲାଣି । ମଧୁସୂଦନ ରାଓଙ୍କ ରଚନା ଖୁବ ସରଳ ଓ ଶୁଦ୍ଧ ଓଡିଆରେ ଲେଖା । ମଧୁସୂଦନ ରାଓ ଓ ଫକୀର ମୋହନ ସେନାପତିଙ୍କ ଠାରୁ ଓଡ଼ିଆ ଭାଷାର ଆଧୁନିକ ଯୁଗର ଆରମ୍ଭ ହୋଇଥିବା ମଧ କୁହାଯାଏ । ସେ ଯାହାହେଉ, ଏବେ କିନ୍ତୁ ଚାହାଳି ଘରେ ଆଉ ଶୁଭୁନାହିଁ ଛବିଳ ମଧୁ ବର୍ଣ୍ଣବୋଧର ଶବ୍ଦ ଗୁଡିକ । ସମୟ ବଦଳିବା ସହ, ପିଲାମାନଙ୍କ ରୁଚି ମଧ ବଦଳୁଛି । ଏବଂ ସମୟ ସୁଅରେ ଭାଷିଯାଇଛି ଛବିଳ ମଧୁ ବର୍ଣ୍ଣବୋଧ । ଯେଉଁ ବହି ପଢି ଦିନେ ପିଲାମାନେ ଓଡ଼ିଆ ଭାଷାକୋଷ ସହିତ ପରିଚିତ ହେଉଥିଲେ, ସେହି ଛବିଳ ମଧୁ ବର୍ଣ୍ଣବୋଧ ଆଜି ଆଉ ପିଲାମାନଙ୍କର ପ୍ରାଥମିକ ଶ୍ରେଣୀରେ ଦେଖିବାକୁ ମିଳୁନାହିଁ କ୍ଷ ବିଦେଶୀ ଢାଞ୍ଚାରେ ଗଢି ଉଠିଥିବା କିଛି ପୁଞ୍ଜିପତି ବେସରକାରୀ ବିଦ୍ୟାଳୟରେ ବର୍ଣ୍ଣବୋଧକୁ ଅଗ୍ରାଧିକାର ଦିଆ ଯାଉ ନାହିଁ ଯାହା ଫଳରେ ପିଲାଏ ମଧୁ ବର୍ଣ୍ଣବୋଧ କଣ ଜାଣି ପାରୁ ନାହାନ୍ତି। ଇଂରାଜୀ ବିଦ୍ୟାଳୟ କଥା ଛାଡ଼ନ୍ତୁ। ତେବେ ବିଲେଇ ଓ ହରିଣ ଭିତରେ ଛାୟା ଯୁଧ ଚାଲିଥିଲା ବେଳେ ସରକାରୀ ସ୍ତରରେ କଡ଼ା କଡି ନିୟମ ଜାରି ହେବା ଦରକାର ଯେ ସେ ସରକାରୀ ହେଉ ଅବା ବେସରକାରୀ, ଅବା ଓଡ଼ିଆ ମିଡିଅମ ସ୍କୁଲ ହେଉ ଅବା ଇଂରାଜୀ ମିଡିୟମ ସ୍କୁଲ, ସବୁଠି ଓଡ଼ିଆ ମଧୁ ବର୍ଣ୍ଣବୋଧକୁ ଶିକ୍ଷାରେ ସାମିଲ କରାଯାଉ ଓ ପଢ଼ା ଯାଉ ଓ ଠିକ୍ ସେ ପଢ଼ା ହେଉଛି କି ନା ତାହା ମଧ ଯାଂଚ୍ କରା ଯାଇ । ଏହା ହୋଇପାରିଲେ ପିଲା ମାନଙ୍କର ବୌଦ୍ଧିକ ଜ୍ଞାନ ବଢିବା ସହିତ ଓଡ଼ିଆ ଭାଷା ସାହିତ୍ୟ ମଜଭୁତ ହେବ ଓ ଓଡ଼ିଆ ଅସ୍ମିତା ବଜାୟ ରହିବ ।


+ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୮୨୪୯୫୦୨୭୭୬

# ଆସିବ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଭୋଟର କାର୍ଡ ସହ ଲିଙ୍କ୍ ହେବ ଆଧାର

ଭବାନୀପାଟଣା,୨୧/୩ (ନି.ପ୍ର): ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ୍ କରାଯିବା ନିମନ୍ତେ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ନିର୍ବାଚନ ଅଧିକାରୀ କଳାହାଣ୍ଡିର ମତଦାତାଙ୍କୁ ନିଜ ଭୋଟର କାର୍ଡ ସହିତ ଆଧାର ଲିଙ୍କ୍ କରିବାକୁ ନିବେଦନ କରିଛନ୍ତି। ଏନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇଛି । ନିର୍ବାଚନ କମିଶନ କହିଛନ୍ତି ଯେ ବର୍ତ୍ତମାନର ପ୍ରଚଳିତ ଆଇନ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଭୋଟର କାର୍ଡ ସହ ଆଧାର ଲିଙ୍କ୍ କରାଯିବ । ତେବେ ଏହା ବାଧ୍ୟତାମୂଳକ ଭାବେ ନୁହେଁ, ସମ୍ପୂର୍ଣ୍ଣ ଇଚ୍ଛାଧୀନ ଭାବେ କରାଯିବ ବୋଲି କମିଶନ କହିଛନ୍ତି ।

ନିର୍ବାଚନ କମିଶନଙ୍କ କହିବାନୁଯାୟୀ ନିର୍ବାଚନ କମିଶନ ଜନ ପ୍ରତିନିଧିତ୍ୱ ଆଇନ, ୧୯୫୦ ର ଧାରା ୩୨୬ ଏବଂ ଜନପ୍ରତିନିଧି ଆଇନର ଧାରା ୨୩(୪), ୨୩(୫) ଓ ୨୩(୬) ଏବଂ ଡଚ(ସିଭିଲ) ନମ୍ବର ୧୧୭/ ୨୦୨୩ ରେ ଆସିଥିବା ସୁପ୍ରିମ କୋର୍ଟଙ୍କ ନିଷ୍ପତି ଅନୁଯାୟୀ ଭୋଟର ପରିଚୟକୁ ଆଧାର ସହିତ ସଂଯୋଗ କରାଯିବା ନିଷ୍ପତି ନିଆଯାଇଛି । ଏହି କ୍ରମେ ଭୋଟର ପରିଚୟ ପତ୍ରରେ ଉଲ୍ଲେଖ ଥିବା ଇପିଆଇସି ନଂ (ଏପିକ ନଂ) କୁ ଆଧାର ସହିତ ଲିଙ୍କ୍ କରାଯିବ । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆଧାର ଓ ଭୋଟର ପରିଚୟ ପତ୍ର ସଂଯୋଗ ନେଇ ନିର୍ବାଚନ କମିଶନର ଏବଂ ୟୁଆଇଡିଏଆଇ ର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଭୋଟର ପରିଚୟ ପତ୍ର ଓ ଆଧାର କାର୍ଡ ସଂଯୋଗ ଯୋଜନାକୁ କିପରି ଆଗକୁ ବଢାଯାଇପାରିବ ସେ ନେଇ ସମସ୍ତ ବୈଷୟିକ ଦିଗ ଉପରେ ଉଭୟ ପକ୍ଷ ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ପ୍ରକାଶ ଯୋଗ୍ୟ ଭୋଟର ପରିଚୟ ପତ୍ର ସହିତ ଆଧାର କୁ ଲିଙ୍କ୍ କରିବା ପଛରେ ନକଲି ଭୋଟିଂ କୁ ରୋକିବା ହେଉଛି ଏକ ବଡ କାରଣ । ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ଜଣେ ବ୍ୟକ୍ତି ଏକାଧିକ ସ୍ଥାନରେ ଭୋଟ ଦେବାର ସମ୍ଭାବନା ଦୂର ହେବା ସହିତ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା, ପାରଦର୍ଶିତା ଓ ସମାବେଶିତାକୁ ପ୍ରୋତ୍ସାହିତ କରିବା । ଏଥିପାଇଁ ନିର୍ବାଚନ କମିଶନ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ତରରେ ବୈଠକ କରିବାକୁ ନିଷ୍ପରି ନେଇଛନ୍ତି । ଏଥିସହ ନିର୍ବାଚନ କମିଶନ ମଧ୍ୟ ଏହି ମାମଲାରେ ସମସ୍ତ ଜାତୀୟ ଓ ରାଜ୍ୟ ମାନ୍ୟତା ପ୍ରାପ୍ତ ରାଜନୈତିକ ଦଳମାନଙ୍କ ଠାରୁ ଏପ୍ରିଲ ୩୦ ସୁଦ୍ଧା ଆବଶ୍ୟକ ପରମର୍ଶ ମାଗିଛନ୍ତି।

# ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମ ପ୍ରାନ୍ତ ବୈଠକ

ଜୟପୁର,୨୧/୩ (ନି.ପ୍ର): ଜୟପୁରର ସଂଘ କାର୍ଯ୍ୟାଳୟ ମାଧବ ଭବନ ଠାରେ ଆଜି ବିଶ୍ୱହିନ୍ଦୁ ପରିଷଦ ଜୟପୁର ବିଭାଗ, ପଶ୍ଚିମ ପ୍ରାନ୍ତ, ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ରୀୟ ମନ୍ତ୍ରୀ, ମଠ ମନ୍ଦିର ଏବଂ ବିଦ୍ୟାଳୟ ପ୍ରମୁଖ ହରିଶଙ୍କର ଜୀ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଶ୍ରୀ ହରିଶଙ୍କର ଜୀ ଙ୍କ ବୌଦ୍ଧିକ ଦେଇଥିଲେ। ଆଗାମୀ ଦିନରେ ବିଶ୍ୱହିନ୍ଦୁ ପରିଷଦର ବିଭିନ୍ନ କାର୍ଯ୍ୟ ବିଷୟରେ ପଶ୍ଚିମ ପ୍ରାନ୍ତ ସମ୍ପାଦକ ଭକ୍ତ ଚରଣ ସାହୁ ଆଗତ କରିବା ସହ ସଂଗଠନର ସଶକ୍ତିକରଣ ଏବଂ ମାତୃ ଶକ୍ତି, ଦୂର୍ଗା ବାହୀନି ଗଠନ ଏବଂ ସେମାନଙ୍କ ଚଳ ଚଞ୍ଚଳ କରି ବିଭାଗରେ ନାରୀ ଶକ୍ତି କୁ ଜାଗୃତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଆସନ୍ତା ଦିନରେ ହିନ୍ଦୁ ନବ ବର୍ଷ, ରାମ ନବମୀ, ହନୁମାନ ଜୟନ୍ତୀ କିପରି ଜୟପୁର ବିଭାଗ ଅନ୍ତର୍ଗତ ସାଙ୍ଗଠନିକ ଜିଲ୍ଲା ମାନଙ୍କରେ ଭବ୍ୟ ଦିବ୍ୟ ଆକାରରେ ପାଳନ ହେବ ତାହାର ଏକ ଯୋଜନା ବିଷୟରେ ଚର୍ଚ୍ଚା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରୁ ପଶ୍ଚିମ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ସତ୍ୟନାରାୟଣ ଥନପତି, ପଶ୍ଚିମ ପ୍ରାନ୍ତ ଉପସଭାପତି ଶ୍ରୀ ବାବୁ ଭାଇ ବଜରଙ୍ଗୀ, ଜୟପୁର ବିଭାଗ ସମ୍ପାଦକ ନବକୃଷ୍ଣ ରଥ, ପ୍ରାନ୍ତ ପ୍ରଚାର ପ୍ରସାର ବିଭାଗର ସାମାଜିକ ଗଣମାଧ୍ୟମ ପ୍ରମୁଖ ଶ୍ରୀ ସାଧୁ ଚରଣ ଦାଶ ଚୌଧୁରୀ, ଜୟପୁର ଜିଲ୍ଲା ବିଭାଗ ପ୍ରସାର ପ୍ରମୁଖ ତଥା ପ୍ରାନ୍ତ ପୂର୍ଣ୍ଣ କାଳୀନ ଦୁର୍ଯ୍ୟୋଧନ ମାଳି, ନବରଙ୍ଗପୁର ଜିଲ୍ଲା ସମିତି, ମାଲକାନଗିରି ଜିଲ୍ଲା ସମିତି, ଜୟପୁର ଜିଲ୍ଲା ସମିତି, ସମସ୍ତ ପ୍ରଖଣ୍ଡ ସମିତି ଉପସ୍ଥିତ ଥିଲେ। ବୈଠକ ପରିଚାଳନା କରିଥିଲେ ଜୟପୁର ଜିଲ୍ଲା ସମ୍ପାଦକ କମଳାକାନ୍ତ ବିଶ୍ୱାଳ।

# ଇପିଆଇସିକୁ ଆଧାର ସହ ଯୋଡା ଯିବ : କେବଳ ଭାରତୀୟ ନାଗରିକ ଭୋଟ ଦେଇପାରିବେ

କନ୍ଧମାଳ,୨୧/୩ (ନି.ପ୍ର): ଭାରତୀୟ ସମ୍ବିଧାନର ଧାରା ୩୨୬ ଅନୁଯାୟୀ କେବଳ ଭାରତର ନାଗରିକଙ୍କୁ ମତଦାନ ଅଧିକାର ପ୍ରଦାନ କରାଯାଇପାରିବ ବୋଲି ମୁଖ୍ୟ ନିର୍ବାଚନ କମିଶନର୍ ଜ୍ଞାନେଶ କୁମାର କହିଛନ୍ତି । ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ ଆୟୋଗ, ନିର୍ବାଚନ କମିଶନର୍ ଡ. ସୁଖବୀର ସିଂ ସାନ୍ଧୁ ଏବଂ ଡ. ବିବେକ ଯୋଷୀଙ୍କ ସହ କେନ୍ଦ୍ର ଗୃହ ସଚିବ, ବିଧାନ ବିଭାଗ ସଚିବ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ସଚିବ, ଭାରତର ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣର ମୁଖ୍ୟ ନିର୍ବାହୀ ଅଧିକାରୀ ଏବଂ ନିର୍ବାଚନ ଆୟୋଗର ବୈଷୟିକ ବିଶେଷଜ୍ଞଙ୍କ ସହ ଚଳିତ ମାସ ୧୮ତାରିଖ ଦିନ ନୂଆଦିଲ୍ଲୀ ନିର୍ବାଚନ ସଦନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସ୍ଥିର କରାଯାଇଥିଲା ଯେ, କେବଳ ଭାରତର ନାଗରିକଙ୍କୁ ମତଦାନ ଅଧିକାର ପ୍ରଦାନ କରାଯାଇପାରିବ । ଆଧାର କାର୍ଡ଼ କେବଳ ଜଣେ ବ୍ୟକ୍ତିଙ୍କ ପରିଚୟକୁ ନିର୍ଦ୍ଧାରଣ କରିଥାଏ । ତେଣୁ ସମ୍ବିଧାନର ଧାରା ୩୨୬, ଜନ ପ୍ରତିନିଧି ଆଇନ,୧୯୫୦ ର ଧାରା ୨୩(୪), ୨୩(୫) ଓ ୨୩(୬)ର ବ୍ୟବସ୍ଥା ଅନୁଯାୟୀ ଏବଂ ଡବ୍ଲ୍ୟୁପି(ସିଭିଲ୍) ନଂ- ୧୭୭/ ୨୦୨୩ ରେ ସୁପ୍ରିମ୍ କୋର୍ଟ ଦେଇଥିବା ରାୟ ଅନୁଯାୟୀ ହିଁ ଇପିଆଇସିକୁ ଆଧାର ସହ ସଂଯୋଗ କରାଯିବ ବୋଲି ନିଷ୍ପତି ନିଆଗଲା । ତଦନୁଯାୟୀ ଭାରତର ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ଏବଂ ଭାରତୀୟ ନିର୍ବାଚନ କମିଶନ(ଇସିଆଇ)ର ବୈଷୟିକ ବିଶେଷଜ୍ଞଙ୍କ ମଧ୍ୟରେ ବୈଷୟିକ ପରାମର୍ଶ ଖୁବ୍ ଶିଘ୍ର ଆରମ୍ଭ ହେବାକୁ ଯାଉଛି ବୋଲି ଉପ ନିର୍ଦ୍ଦେଶକ, ଭାରତୀୟ ନିର୍ବାଚନ କମିଶନ ପି. ପଓ୍ୱନ ପ୍ରକାଶ କରିଛନ୍ତି ।

# ରୋଗୀଙ୍କୁ ମିଳିବ ଉନ୍ନତ ସ୍ୱାସ୍ଥ୍ୟ ସେବା କୋରାପୁଟ ମେଡ଼ିକାଲ କଲେଜ ଓ ହସପିଟାଲକୁ ନାଲକୋ ଦେଲା ୧୦ କୋଟି ୧୦ ଲକ୍ଷ ଟଙ୍କା ସହାୟତା

ଜୟପୁର,୨୧/୩ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲା ଲୋକଙ୍କୁ ମିଳିବ ଉନ୍ନତ ଚିକିତ୍ସା ସେବା । ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ଦାମନଯୋଡ଼ି ସ୍ଥିତ ଭାରତ ସରକାରଙ୍କ ନବରତ୍ନ କମ୍ପାନୀ ନାଲକୋ ଆଗେଇ ଆସିଛି । ରୋଗୀ ସେବା ଓ ସ୍ୱାସ୍ଥ୍ୟ ଭିତିଭୂମିର ସୁଧାର ଆଣିବା ସକାଶେ ସହଯୋଗର ହାତ ବଢ଼ାଇଛି। ରୋଗୀଙ୍କୁ ଉନ୍ନତ ମାନର ଚିକିତ୍ସା ସେବା ଦେବା ପାଇଁ ଅତ୍ୟାବଶ୍ୟକୀୟ ଏବଂ ଉନ୍ନତ ଅତ୍ୟାଧୁନିକ ବୈଷୟିକ ଚିକିତ୍ସା ଉପକରଣ କ୍ରୟ କରିବା ସହ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ନିମନ୍ତେ ସହାୟତା ରାଶି ବ୍ୟବହୃତ ହେବ।

କୋରାପୁଟ ମେଡ଼ିକାଲ କଲେଜ ଓ ହସପିଟାଲକୁ ନାଲକୋ ୧୦ କୋଟି ୧୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଛି । କୋରାପୁଟ ଜିଲ୍ଲାପାଳ ଭି କୀର୍ତି ଓ୍ୱାସନଙ୍କୁ ଭେଟି ଚେକ୍ ପ୍ରଦାନ କରିଛନ୍ତି। ଚେକ୍ ଗ୍ରହଣ ସମୟରେ ମେଡ଼ିକାଲ କଲେଜ ହସପିଟାଲର୍ ଅଧ୍ୟକ୍ଷ ,ଅଧିକ୍ଷକ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

(ନେସନାଲ ଆଲୁମିନୟମ କମ୍ପାନୀ) ନାଲକୋର ସିଏସଆର ପାଣ୍ଠି ରୁ କାର୍ଯ୍ୟକ୍ରମ ଅଂଶ ବିଶେଷ ଭାବେ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲକୁ ୧୦ କୋଟି ୧୦ ଲକ୍ଷ ସହାୟତା ଦିଆ ଯାଇଛି ।

ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିବନ୍ଧକ ନିରଞ୍ଜନ ସାମଲଙ୍କ ସହ (ଏଚ ଆଣ୍ଡ ଏ) ବିଭାଗ ମୁଖ୍ୟ ଆଶୁତୋଷ ରଥ ଜଲ୍ଲିପାଳ ଭି. କୀର୍ତି ଭାସନଙ୍କୁ ଭେଟି ଚେକ୍ ପ୍ରଦାନ କରିଛନ୍ତି ।ଏହି ଅବସରରେ ଏସ ଏଲ୍ ଏନ୍ ମେଡିକାଲ କଲେଜ ଓ ହସ୍ପିଟାଲ ଅଧୀକ୍ଷକ ତଥା ଡିନ୍ ଏବଂ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସୁଶାନ୍ତ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ ।

ନାଲକୋ ସିଏସଆର ଶାଖା "ନାଲକୋ ଫାଉଣ୍ଡେସନ" ପକ୍ଷରୁ ଏହା ପ୍ରଦାନ କରା ଯାଇଥିବା ନାଲକୋ କତୃପକ୍ଷ କହିଛନ୍ତି । ଆଦିବାସୀ ବହୁଳ ପଛୁଆ ଅଂଚଳର ଲୋକଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ କେନ୍ଦ୍ର ସରକାରଙ୍କ ଅଧୀନ ନାଲକୋ ଆଗେଇ ଆସିଥିବାରୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଏହାଦ୍ୱାରା ଏଣିକି ଅଂଚଳର ଲୋକେ ଉପଯୁକ୍ତ ଜଟିଳ ରୋଗର ଚିକିତ୍ସା ପାଇପାରିବେ ବୋଲି ଜିଲ୍ଲା ବାସି ଆଶା ପ୍ରକଟ କରିଛନ୍ତି ।

## ପଖାଳ ଦିବସ ପାଳିତ

ଖୋର୍ଦ୍ଧା,୨୧/୩ (ନି.ପ୍ର): ବେଗୁନିଆ ସଦର ମହକୁମାସ୍ଥିତ ଶ୍ୱେତପଦ୍ମା ସାହିତ୍ୟ ଓ ସେବା ସଂସଦ ଆନୁକୁଲ୍ୟରେ ' ପଖାଳ ଦିବସ ' ପାଳିତ ହୋଇଯାଇଛି। ଓଡିଆ ଜନ ଜୀବନର ପ୍ରାଣ କେନ୍ଦ୍ର ପଖାଳକୁ ସାଧାରଣରେ ଉଜ୍ଜୀବିତ ରଖିବା ପାଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସଭାପତି ଭାଗୀରଥି ପରିଡ଼ା ପୌରହିତ୍ୟ କରିଥିଲେ । ପ୍ରାରମ୍ଭରେ ସମ୍ପାଦିକା ପ୍ରତିମା ପ୍ରଧାନ ମହାପ୍ରଭୁ ଜଗନ୍ନାଥଙ୍କ ସକାଳ ଆରମ୍ଭ ପଖାଳ ଓ ମୋର ଶେଷ ଜୀବନ ପଖାଳ ବୋଲି ନିଜ ମତ ରଖିଥିଲେ। ପରେ ସଂଗୀତ ସୁଧାକର ସ୍ୱର୍ଗତ ବାଳକୃଷ୍ଣ ଦାଶଙ୍କ କଣ୍ଠରେ ଆସ ଜୀବନଧନ ମୋ 'ର ପଖାଳ କଂସା ପୁରାତନ ସଙ୍ଗୀତ ପରିବେଷଣ ସହିତ ସ୍ୱ ରଚିତ କବିତା ପାଠୋତ୍ସବ କରାଯାଇଥିଲା। ଉକ୍ତ କବିତା ଆସରରେ ପ୍ରଫୁଲ୍ଲ କୁମାର ସାହୁ,କୋଷାଧ୍ୟକ୍ଷ ସୋମନାଥ ସାହୁ, ଲକ୍ଷ୍ମୀଧର ମହାରଣା,ଶ୍ରୀକୁମାର ସାହୁ, ବାସନ୍ତୀ ସାହୁ,କବିତା ରାଉତ , ଶୁଭଲକ୍ଷ୍ମୀ ପ୍ରଧାନ, ପତିତ ପାବନ ବଳବନ୍ତରାୟ, ରାମଚନ୍ଦ୍ର ସାହୁ,ରାମ ଚନ୍ଦ୍ର ବେହେରା, ସାଧାରାଣୀ ପଣ୍ଡା, ପୂର୍ବତନ ସେନାନି ବିଜୟ ମହାନ୍ତି, ଅନୁସୂୟା ପଣ୍ଡା, ସୁଦୀପ୍ତା ନାୟକ ପ୍ରମୁଖ ଭାଗ ନେଇଥିଲେ। ଶେଷରେ ଗାୟକ ପ୍ରଦୀପ କିଶୋର ତ୍ରିପାଠୀ ଉଦଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସହ ସମ୍ପାଦକ ଜଗଦୀଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁଝରରେ ଓଡିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦୁଝର,୨୧/୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୯୦ ତମ ଓଡିଶା ଦିବସ ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଳିକ ଉଦ୍‌ବୋଧନ ଦେଇ ଆଗାମୀ ଓଡିଶା ଦିବସକୁ ଉତ୍ସାହ, ଉଦ୍ଦୀପନା ଓ ଉତ୍କଳୀୟ ଭାବନା ସହ ମହାସମାରୋହରେ ପାଳନ କରିବା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିର୍ମୟ ଭୁକ୍ତା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସାର୍ଥକ ରାୟ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରିବା ସହ କାର୍ଯ୍ୟକ୍ରମର ରୂପରେଖ ସଂପର୍କରେ ଆଲୋକପାତ କରିଥିଲେ ଏବଂ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରିଥିଲେ । ଓଡିଶା ଦିବସ ପାଳନ ଅବସରରେ ଏପ୍ରିଲ୍ ୧ ତାରିଖ ପ୍ରତ୍ୟୁଷରେ ବନ୍ଦେ ଉତ୍କଳ ଜନନୀ ବନ୍ଦନା ପ୍ରଚାର, ସକାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ, ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବ । ଦରବାର ହଲଠାରେ ସାଧାରଣ ସଭା, ସ୍ଥାନୀୟ ଅଡ଼ିଟୋରିୟମରେ ସଂନ୍ଧ୍ୟା ୬ ଘଟିକା ସମୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ଏବଂ ପରେପରେ ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରଯୋଜିତ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷିତ ହେବ । ଓଡିଶା ଦିବସ ଅବସରରେ ସନ୍ଧ୍ୟାରେ ସରକାରୀ କୋଠାବାଡି ତଥା ବାଣିଜ୍ୟିକ ଅନୁଷ୍ଠାନର କୋଠାବାଡିରେ ରଙ୍ଗୀନ ଆଲୋକ ସଜ୍ଜା କରିବା ପାଇଁ ଅନୁରୋଧ କରାଯାଇଛି । ଏତଦ୍ ବ୍ୟତୀତ ଓଡିଶା ଦିବସ ପାଳନ ସଂପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ଓଡିଶା ଦିବସ ପାଳନକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ସ୍ୱତଃସ୍ଫୁର୍ତ ଭାବେ ସହଯୋଗ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ।

# ଓଡ଼ିଶା ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ କୋରାପୁଟରେ ସମୀକ୍ଷା ବୈଠକ

ଜୟପୁର,୨୧/୩ (ନି.ପ୍ର): ଖାଦ୍ୟ ଯୋଗାଣ,ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର କୋରାପୁଟ ଜିଲ୍ଲା ଗସ୍ତରେ ଆସି ବିଭାଗୀୟ ସମୀକ୍ଷା ବୈଠକ କରିଛନ୍ତି। ଅପରାହ୍ନ ୫:୩୦ ସମୟରେ ମନ୍ତ୍ରୀ ଶ୍ରୀ ପାତ୍ର ସ୍ଥାନୀୟ ଜିଲ୍ଲା ଦକ୍ଷତା ଓ ବିକାଶ ଓ ତାଲିମ୍ କେନ୍ଦ୍ର ଠାରେ ଜିଲ୍ଲାପାଳ ଭି, କୀର୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବୈଠକରେ ମନ୍ତ୍ରୀ ଉଦବୋଧନ ଦେଇ ଖାଉଟି ଓ ଚାଷୀଙ୍କ ସ୍ୱାର୍ଥ ପ୍ରତି ସରକାରଙ୍କ ପ୍ରାଥମିକତା ରହିଛି ବୋଲି ମନ୍ତ୍ରୀ କହିଥିଲେ। ଜିଲ୍ଲାରେ ଉଚିତ୍ ଲୋକଙ୍କୁ ରାସନ ଯୋଗାଣ କରାଇବାକୁ ଗୁରୁତ୍ୱ ଦେବା ସହ ଚାଉଳ,ଗହମ, ତେଲ ସାବୁନ ,ଡାଲି ଭଳି ଅତ୍ୟାବଶକ ସାମଗ୍ରୀ ସୁଲଭ ମୂଲ୍ୟରେ କାର୍ଡଧାରିଙ୍କୁ ଯୋଗାଇବା ନେଇ ସରକାର ଚିନ୍ତା କରୁଥିବା ମନ୍ତ୍ରୀ କହିଥିଲେ । କାର୍ଡ ପାଇବାରେ ବଂଚିତ ଗରୀବ ଲୋକଙ୍କୁ ଚିହ୍ନଟ କରି କାର୍ଡ ବଂଟନ କରାଯିବ। ଚଳିତ ବର୍ଷ ଖରିପ ଋତୁରେ କୋରାପୁଟ ଜିଲ୍ଲାର ଚାଷୀ ମାନଙ୍କ ଧାନ ସଠିକ୍ ଭାବରେ କ୍ରୟ କରାଯାଇଛି ବୋଲି ସେ ଦର୍ଶାଇଛନ୍ତି । ଏଥିନେଇ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ମାନେ ସୁଚାରରୁପେ କାର୍ଯ୍ୟନିର୍ବାହୀ କରିଥିବା କହିଛନ୍ତି । ଧାନ କିଣିବା ବେଳେ ଚାଷୀ କଟନି ଛଟନିର ଶିକାର ନହୋଇ ସଠିକ୍ ମୂଲ୍ୟରେ ଧାନ ବିକ୍ରୀ କରିଥିବା ମନ୍ତ୍ର କହିଛନ୍ତି। ଆଗାମୀ ଦିନରେ ଏ ସବୁ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭାବରେ ସରକାର କାର୍ଯ୍ୟ କରିବ। ଯାହା ସବୁ ତୃଟି ରହିଛି ସେଥିରେ ସୁଧାର ଅଣାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସମୀକ୍ଷା ବୈଠକରେ, କୋରାପୁଟ ଜିଲ୍ଲାପାଳ ଭି କୀର୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜୟପୁର ଉପ ଜିଲ୍ଲାପାଳ ଆକବରାମ ସସ୍ୟା ରେଡ୍ଡୀ, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କ ସମେତ ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନଙ୍କ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସୂଚନା ଅନୁଯାୟୀ ୧୮-୩-୨୦୨୫ ତାରିଖ ସୁଦ୍ଧା ଜିଲ୍ଲାର ୧୪ ଗୋଟି ବ୍ଲକ୍ ରେ ୨୪୦ ଗ୍ରାମ ପଞ୍ଚାୟତ ର ୧୮୬୫ ଗ୍ରାମରେ ସର୍ବମୋଟ ୧୧,୭୩,୬୪୧ ରାସନ କାର୍ଡ ହିତାଧିକାରୀ ଅଛନ୍ତି। ଏଥି ମଧ୍ୟରୁ ୧୦,୪୦,୭୯୭ ହିତାଧିକାରୀଙ୍କ ହାରାହାରି ୮୯ ପ୍ରତିଶତ କେୱାଇସି ସଂଶୋଧନ ହୋଇଥିବା ଜଣାପଡ଼ିଛି । ଚଳିତ ବର୍ଷ ଖରିଫ ଋତୁରେ ଜିଲ୍ଲା ରେ ୨୫୭୨୮୮ ମେଟ୍ରିକ୍ ଟୋନ ଧାନ କ୍ରୟ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହେଇଥିଲା। ଏଥି ନିମନ୍ତେ ୩୯,୩୩୩ ଚାଷୀମାନେ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୯,୦୬୭ ଚାଷୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ୨୮-୦୨-୨୦୨୫ ସୁଦ୍ଧା ୩୭,୪୭୭ ଜଣ ଚାଷୀଙ୍କ ଠାରୁ ୨୫୦୯୭୬.୫୨୯ ମେଟ୍ରିକ୍ ଟୋନ ଧାନ ସଂଗ୍ରହ କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଜଣାଇଛନ୍ତି।

# ମା' ବିନ୍ଧ୍ୟ ବାସିନୀ ମନ୍ଦିର ସମ୍ମୁଖ ପଡିଆ ଟେଣ୍ଡର ବିଜ୍ଞପ୍ତି ବାତିଲ ବିରୋଧରେ ବିଂଝାଲ ସମାଜ ପକ୍ଷରୁ ଉତ୍ତରାଂଚଳ ରାଜସ୍ୱ କମିଶନରଙ୍କୁ ଦାବିପତ୍ର

ସମ୍ବଲପୁର,୨୧/୩ (ନି.ପ୍ର): ସମ୍ବଲପୁର ହରିଶଙ୍କର ସ୍ଥିତ ମା ବିନ୍ଧ୍ୟବାସିନୀ ମନ୍ଦିର ସମ୍ମୁଖରେ ଥିବା ପଡିଆ ର ଟେଣ୍ଡର ବିଜ୍ଞପ୍ତି ବାତିଲ କରିବା ଦାବୀ ନେଇ ଆଜି ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରୀବାସୀ ବିଞ୍ଝାଲ ସମାଜ ପକ୍ଷରୁ ସଂଘ ର ବିଭିନ୍ନ ପଦପଦବୀରେ ଥିବା କର୍ମକର୍ତା ଓ ସଦସ୍ୟ ଉତରାଂଚଳ ରାଜସ୍ୱ କମିଶନର ସଚ୍ଚିନ ରାମଚନ୍ଦ୍ର ଯାଦବଙ୍କ ଉଦ୍ଦେଶ୍ୟରେ ସେକ୍ରେଟାରୀ ସୁକାନ୍ତ କୁମାର ତ୍ରିପାଠୀଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। ପାଟଣାଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତଥା ଦେବୋତର ବିଭାଗ ବିଜ୍ଞାପ୍ତି ପତ୍ର ସଂଖ୍ୟା ୯୧୫ ତାରିଖ ୫.୩.୨୦୨୫ ରେ କ୍ରମିକ ସଂଖ୍ୟା ୮ ଏପରି କି ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଥିଲ। ଟେଣ୍ଡର ବିଜ୍ଞପ୍ତି ପ୍ରକ୍ରିୟା ବାତିଲ କରିବାକୁ ନେଇ ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର ଦେବୋତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ଙ୍କୁ ସମାଜ ପକ୍ଷରୁ ଗତ ୧୨ ତାରିଖ ଦିନ ଏକ ଦାବୀ ପତ୍ର ପ୍ରଦାନ କରାଯାଇଥିଲା । ସୂଚନା ଅନୁସାରେ ୧୯୭୮ ରୁ ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରୀବାସୀ ବିଞ୍ଝାଲ ସମାଜ ହରିଶଙ୍କର ଠାରେ ତାଙ୍କର ପୂର୍ବପୁରୁଷ ମାନେ ମାଁ ବିନ୍ଧ୍ୟ ବାସିନୀ ଦେବୀ ଙ୍କ ବିଧିପୂର୍ବକ ପାରମ୍ପାରିକ ପୂଜାର୍ଚ୍ଚନା, ଯାନିଯାତ୍ରା, ପର୍ବପର୍ବାଣି କରିଆସୁଅଛନ୍ତି। ମନ୍ଦିର ସମ୍ମୁଖରେ ଥିବା ଖାତା ନଂ୪୩ ପ୍ଲଟ ନଂ ୬୪ ରେ ଥିବା ୨ ଏକର ୪୪ ଡିସିମିଲ ପ୍ଲଟ ନଂ ୪୬୫ ମଧ୍ୟରୁ ୫୬ ଡିସିମିଲ ଜାଗା କୁ ତାଙ୍କର ପୂର୍ବପୁରୁଷ ମାନେ ଦୀର୍ଘ ୧୦୦ ବର୍ଷ ରୁ ଉର୍ଦ୍ଧ୍ୱ ହେବ ଦଖଲ କରିଆସୁଛନ୍ତି। ଏପରିକି ଉକ୍ତ ପଡ଼ିଆ ଭିତରେ ତାଙ୍କ ସମାଜ ର ପାର୍ଶ୍ୱ ଦେବାଦେବୀ ଭୌରବୀ ବନଦୂର୍ଗା ,ମାଁ ତୁର୍ଲେନ ବୁଢୀ, ଠାକୁରାଣୀ, ଡଙ୍ଗର ବୁଢ଼ା,ଛକୋର ଚଉରାଶି, ଘସିଏନଦେବୀ, ସିଂଗାବିର, ମାଉଳି ଆଦି ଦେବତା ଉକ୍ତ ପଡ଼ିଆ ରେ ପୂଜା ପାଉଥିବା ବେଳେ ଚୈତ୍ର ନବରାତ୍ର, ଦଶହରା ଶୀତଳଷଷ୍ଠୀ ସମୟରେ ଶିବବିବାହ , ନାମ ଯଜ୍ଞ ଆଦି କରାଯାଉଅଛି । ଏହି ୫୬ ଡିସିମିଲ ଜାଗା ବିଞ୍ଝାଲ ସମାଜ ର ଆରାଧ୍ୟା ଇଷ୍ଟଦେବୀ ମାଁ ବିନ୍ଧ୍ୟ ବାସିନୀ ଙ୍କ ନାମ ରେ ପାର୍ଚ୍ଚାଙ୍କିତ କରିବା ପାଇଁ ସମାଜ ପକ୍ଷରୁ ଦାବୀ କରାଯାଇଛି। ଦାବୀ ପତ୍ର ପ୍ରଦାନ ସମୟରେ ବଲାଙ୍ଗୀର ଜିଲ୍ଲା ସଭାପତି ତଥା ଉପଲାଟ ସଭାପତି ଚନ୍ଦ୍ରଶେଖର ବାଗ, ଖପ୍ରାଖୋଲ ବ୍ଲକ ସଭାପତି ଚନ୍ଦ୍ରଶେଖର ବରିହା, ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରୀବାସୀ ବିଞ୍ଝାଲ ସମାଜ ରାଜ୍ୟ ମହିଳା ସଂଘ କୋଷାଧ୍ୟକ୍ଷ ସୀତୟା ବାଗ, ସକ୍ରିୟା ସଦସ୍ୟା ଶୈଳସୂତା ଦେବ (କଳ୍ପନା) ବରିହା, ଜିଲ୍ଲା ମିଡ଼ିଆ ସେଲ୍ ସଂଯୋଜକ ଗୋରେଖନାଥ ବରିହା, ଖପ୍ରାଖୋଲ ବ୍ଲକ କୋଷାଧ୍ୟକ୍ଷ ବିପିନ ବରିହା , ନରୋତମ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମ ପ୍ରାନ୍ତ ବୈଠକ

ଜୟପୁର,୨୧/୩ (ନି.ପ୍ର): ଜୟପୁରର ସଙ୍ଘ କାର୍ଯ୍ୟାଳୟ ମାଧବ ଭବନ ଠାରେ ଆଜି ବିଶ୍ୱହିନ୍ଦୁ ପରିଷଦ ଜୟପୁର ବିଭାଗ,ପଶ୍ଚିମ ପ୍ରାନ୍ତ, ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ରୀୟ ମନ୍ତ୍ରୀ, ମଠ ମନ୍ଦିର ଏବଂ ବିଦ୍ୟାଳୟ ପ୍ରମୁଖ ହରିଶଙ୍କର ଜୀ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଶ୍ରୀ ହରିଶଙ୍କର ଜୀ ଙ୍କ ବୌଦ୍ଧିକ ଦେଇଥିଲେ। ଆଗାମୀ ଦିନରେ ବିଶ୍ୱହିନ୍ଦୁ ପରିଷଦର ବିଭିନ୍ନ କାର୍ଯ୍ୟ ବିଷୟରେ ପଶ୍ଚିମ ପ୍ରାନ୍ତ ସମ୍ପାଦକ ଭକ୍ତ ଚରଣ ସାହୁ ଅବଗତ କରିବା ସହ ସଙ୍ଗଠନର ସଶକ୍ତିକରଣ ଏବଂ ମାତୃ ଶକ୍ତି, ଦୂର୍ଗା ବାହୀନି ଗଠନ ଏବଂ ସେମାନଙ୍କ ଚଳ ଚଂଚଳ କରି ବିଭାଗରେ ନାରୀ ଶକ୍ତିକୁ ଜାଗୃତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଆସନ୍ତା ଦିନରେ ହିନ୍ଦୁବର୍ଷ, ରାମ ନବମୀ, ହନୁମାନ ଜୟନ୍ତୀ କିପରି ଜୟପୁର ବିଭାଗ ଅନ୍ତର୍ଗତ ସାଙ୍ଗଠନିକ ଜିଲ୍ଲା ମାନଙ୍କରେ ଭବ୍ୟ ଦିବ୍ୟ ଆକାରରେ ପାଳନ ହେବ ତାହାର ଏକ ଯୋଜନା ବିଷୟରେ ଚର୍ଚ୍ଚା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରୁ ପଶ୍ଚିମ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ସତ୍ୟନାରାୟଣ ଥନପତି, ପଶ୍ଚିମ ପ୍ରାନ୍ତ ଉପସଭାପତି ଶ୍ରୀ ବାବୁ ଭାଇ ବଜରଙ୍ଗୀ, ଜୟପୁର ବିଭାଗ ସମ୍ପାଦକ ନବକୃଷ୍ଣ ରଥ, ପ୍ରାନ୍ତ ପ୍ରଚାର ପ୍ରସାର ବିଭାଗର ସାମାଜିକ ଗଣ ମାଧ୍ୟମ ପ୍ରମୁଖ ସାଧୁ ଚରଣ ଦାଶ ଚୌଧୁରୀ, ଜୟପୁର ଜିଲ୍ଲା ବିଭାଗ ପ୍ରସାର ପ୍ରମୁଖ ତଥା ପ୍ରାନ୍ତ ପୂର୍ଣ୍ଣ କାଳୀନ ଦୁର୍ଯ୍ୟୋଧନ ମାଳି, ନବରଙ୍ଗପୁର ଜିଲ୍ଲା ସମିତି, ମାଲକାନଗିରି ଜିଲ୍ଲା ସମିତି, ଜୟପୁର ଜିଲ୍ଲା ସମିତି, ସମସ୍ତ ପ୍ରଖଣ୍ଡ ସମିତି ଉପସ୍ଥିତ ଥିଲେ । ବୈଠକ ପରିଚାଳନା କରିଥିଲେ ଜୟପୁର ଜିଲ୍ଲା ସମ୍ପାଦକ କମଳାକାନ୍ତ ବିଶ୍ୱାଳ।

## ଖସାଡି-ହିନ୍ଦୁଳିଆ ରାସ୍ତା କାମ ନିମ୍ନ ମାନର ଅଭିଯୋଗ

କେନ୍ଦ୍ରାପଡ଼ା,୨୧/୩ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ହିନ୍ଦୁଳିଆ ପଂଚାୟତର ଖସାଡି ଠାରୁ ଟୁବିହୁଡା ଭାୟା ହିନ୍ଦୁଳିଆ ରାସ୍ତା ଅତି ନିମ୍ନ ମାନର ନିର୍ମାଣ ହେଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ଏହି ରାସ୍ତା କାମ ନେଇଥିବା ଠିକାଦାର ଜଣକ ଅତି ନିମ୍ନ ମାନର କାମ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ବିଭାଗୀୟ ଜେଇ ଓ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କେହି ରାସ୍ତା କାମ ତଦାରଖ କରିବାକୁ ଯାଉ ନାହାଁନ୍ତି। ଫଳରେ ଠିକାଦାର ଜଣକ ନିଜ ମନ ମୁତାବକ ନିମ୍ନ ମାନର କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହୋଇଛି । ରାସ୍ତା ନିର୍ମାଣ ସରି ନଥିବାବେଳେ ରାସ୍ତା ଫାଟି ଯାଇଥିବା ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ବାଇକ୍ ଚୋରୀ ଉଦ୍ୟମ ବେଳେଚୋରକୁ ଧରି ପୋଲିସର ଜିମା ଦେଲେ ଲୋକେ

ଚମ୍ପୁଆ,୨୧/୩ (ନି.ପ୍ର): ବାଇକ୍ ଚୋରୀ ଉଦ୍ୟମ ବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଧରା ପଡ଼ିଥିବା ଜଣେ ଯୁବକ କୁ ଆଜି କୋର୍ଟ ଚାଲାଣ କରିଛି ଚମ୍ପୁଆ ପୋଲିସ । ଯୁବକ ଜଣଙ୍କ ମୟୁରଭଞ୍ଜ ଜିଲ୍ଲା ବହଳଦା ଥାନା ବଡ ଦୁନ୍ଦୁ ର ଏମଡି ଜମିଲ ଅନସାରୀ ଙ୍କ ପୁଅ ଏମଡି ଆକ୍ୱିବ ଅନସାରୀ (୩୨) । ଘଟଣା ଅନୁସାରେ ଗତକାଲି ଅପରାହ୍ନ ରେ ଆକ୍ୱିବ୍ ଅନ୍ୟ ଜଣେ ଯୁବକ ଙ୍କ ସହ ମିଶି ଚମ୍ପୁଆ ବଜାର ର ବିଭିନ୍ନ ସ୍ଥାନ ରେ ପାର୍କିଂ ରେ ଥିବା ବାଇକ୍ ଗୁଡ଼ିକ ର ତାଲା ଖୋଲିବାକୁ ଉଦ୍ୟମ କରୁଥିଲେ । ସେମାନଙ୍କ ଗତିବିଧି ନେଇ କିଛି ବ୍ୟବସାୟୀ ଙ୍କ ସନ୍ଦେହ ହେବାରୁ ଯୁବକ ଦୁଇ ଜଣଙ୍କ ପିଛା କରି ସେମାନଙ୍କୁ ବାଇକ୍ ଚୋରୀ ଉଦ୍ୟମ କରୁଥିବା ବେଳେ ଗାନ୍ଧୀ ଛକ ନିକଟରେ ଆକ୍ୱିବ କୁ କାବୁ କରିଥିଲେ । ତେବେ ସାଥିରେ ଥିବା ଯୁବକ ଖସି ଯିବାକୁ ସକ୍ଷମ ହୋଇଥିଲେ । ତେବେ ଆକ୍ୱିବ କୁ ସ୍ଥାନୀୟ ଲୋକେ ଉତମ ମଧ୍ୟମ ଦେବା ସହ ପୋଲିସ ଜିମାରେ ଦେଇଥିଲେ । ଆକ୍ୱିବ କୁ ପଚରାଉଚରା କରିବାରୁ ଚମ୍ପୁଆ ର ବିଭିନ୍ନ ସ୍ଥାନ ରେ ବାଇକ୍ ଚୋରୀ କରିଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା । ଗତରାତି ଚମ୍ପୁଆ ଥାନାଧିକାରୀ ଦେବକୀ ନାଏକ ସଦଳବଳେ ବଡଦୁନ୍ଦୁ ରେ ଚଢାଉ କରି ଦୁଇଟି ଚୋରୀ ବାଇକ କୁ ଉଦ୍ଧାର କରିଥିଲେ । ଆଜି ଚମ୍ପୁଆ ପୋଲିସ ଥାନା କେସ ନଂ ୫୮/୨୫ ରେ ମାମଲା ରୁଜୁ କରି ସମ୍ପୃକ୍ତ ଯୁବକ କୁ କୋର୍ଟ ଚାଲାଣ କରିଥିବା ନେଇ ତଦନ୍ତକାରୀ ଅଧିକାରୀ କିରାଣୀ ମହାନ୍ତ ସୂଚନା ଦେଇଛନ୍ତି । ସୂଚନା ଯୋଗ୍ୟ କି ଗତ କିଛି ଦିନ ମଧ୍ୟ ରେ ଚମ୍ପୁଆ ମେଡିକାଲ , ସାମ୍ବାଦିକ କାର୍ଯ୍ୟାଳୟ ଆଦି ବିଭିନ୍ନ ସ୍ଥାନ ମାନଙ୍କରୁ ବାଇକ୍ ଚୋରୀ କରି ଦୁର୍ବୃତମାନେ ଚମ୍ପୁଆ ପୋଲିସ ର ନିଦ ହଜାଇ ଦେଇଥିଲେ। ତେବେ ଏହି ଚୋରୀ ବାଇକ୍ ଗୁଡ଼ିକୁ ପୋଲିସ ଉଦ୍ଧାର କରିଛି ।

# କନ୍ୟା ସନ୍ତାନ ସୁରକ୍ଷା ସଚେତନତା ଶୋଭାଯାତ୍ରା

ପୁରୀ,୨୧/୩ (ନି.ପ୍ର): କନ୍ୟା ସନ୍ତାନର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ସମ୍ପ୍ରତି ପୁଅଙ୍କ ତୁଳନାରେ ଝିଅ ମାନଙ୍କ ସଂଖ୍ୟାରେ ଦ୍ରୁତ ଅବନତି ଦେଖା ଦେଉଛି। ତେଣୁ ସଚେତନତା ମାଧ୍ୟମରେ କନ୍ୟା ସନ୍ତାନ ମାନଙ୍କ ସୁରକ୍ଷାକୁ ବ୍ୟାପକ କରିବା ବୋଲି ସୂଚନା ଦେଇଛନ୍ତି ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା। ଆଜି ପୂର୍ବାହ୍ନରେ ସମାଜ କଲ୍ୟାଣ ବିଭାଗ ପକ୍ଷରୁ କନ୍ୟା ସନ୍ତାନ ସୁରକ୍ଷା ଶୋଭାଯାତ୍ରା ସୁଭାଷ ବୋଷ ଛକ ଠାରୁ ସଦଭାବନା ସଭାଗୃହ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଶୋଭାଯାତ୍ରାକୁ ଉଦଘାଟନ କରି ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ବେଉରା ଓ ଶ୍ରୀ ସେଠୀ ଆଜିର ପ୍ରତିଟି କନ୍ୟା ଆସନ୍ତାକାଲିର ମାଆଟିଏ, ସୃଷ୍ଟି ର ଆଧାରଟିଏ ହୋଇ ଥିବାରୁ ତାହାର ସୁରକ୍ଷା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଅନୁରୋଧ କରିଥିଲେ।ଏହି ସଚେତନତା ବାର୍ତା ଅନ୍ୟ ମାନଙ୍କୁ ପ୍ରେରଣା ଦେବ ବୋଲି ସେମାନେ ଆଶା କରିଥିଲେ। ଶୋଭାଯାତ୍ରାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ, ଚନ୍ଦ୍ର ପ୍ରଭା ଦେଇ, ବାଲ୍ୟବତୀ ମହାନ୍ତି, ବିଭାଗ ବ୍ଲକର ସିଡିପିଓ, ସୁପରଭାଇଜର, ମିଶନ ଶକ୍ତି ମା ମାନେ ଯୋଗ ଦେଇଥିଲେ।

# କଷାଫଳ ଗିମାଗଡିଆ ରାସ୍ତା ପାଲଟିଛି ଯମ ଦ୍ୱାର: ଅଭିଯୋଗ ପରେ ମଧ ପ୍ରଶାସନଙ୍କ ଏ ଯାଏଁ ପଡୁନି ନଜର

ଲଙ୍ଗଳେଶ୍ୱର , ୨୧/୩ (ନି.ପ୍ର): ସଦର ବ୍ଲକ୍ ସିଂଲା ଥାନା ଅନ୍ତର୍ଗତ କଷାଫଳ ପଞ୍ଚାୟତ ଗିମାଗଡ଼ିଆ ଓ ବାରମାଣିଆ ଗ୍ରାମର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଅନ୍ଧପରି ହଟହଟା ହେଉଛନ୍ତି ଦୁଇ ଗ୍ରାମବାସୀ। ଗାଁକୁ ଭଲ ରାସ୍ତା ନଥିବାରୁ ଆମ୍ବୁଲାନ୍ସ, ସମେତ ଅନ୍ୟ କିଛିବି ଚାରିଚକିଆ ଗାଡି ଗାଁ ଭିତରକୁ ଆଦ୍ୟ ଯାଇ ପାରୁନାହିଁ। ଗାଁକୁ ଗାଡି ପଶି ନପାରିବାରୁ କିଛି ଦିନ ପୂର୍ବେ ଜଣେ ମହିଳା ରୋଗୀଙ୍କୁ ୩ କିମି ଖଟିଆରେ ବୋହି ଗହମ ଗଡ଼ିଆଠାରେ ଥିବା ଆମ୍ବୁଲାନ୍ସ ନିକଟକୁ ନିଆଯାଇଥିଲା। ଏମିତିକି କଷାଫଳ ପଞ୍ଚାୟତକୁ ସହଜରେ ଯିବା ଭାରି ପଡିବା ସହ , କଲେଜ ପିଲା ତଥା ସ୍କୁଲ ପିଲାମାନେ ଯିବା ଆସିବାରେ ଅତ୍ୟନ୍ତ ସମସ୍ୟା ହେଉଛି ବୋଲି ଗ୍ରାମବାସୀ ମାନେ କହିଛନ୍ତି। ବିଶେଷ କରି ବର୍ଷା ଦିନେ ରାସ୍ତାହିଁ ନାହିଁ ନଥିବା କହିଲେ ଚଳେ। ଚାରିଆଡ଼େ ପକ୍କା ,ପିଚୁ ରାସ୍ତା ଆଦି ଚକ୍ ଚକ୍ କରୁଥିବା ବେଳେ ସଦର ବ୍ଲକ, କଷାଫଳ ପଞ୍ଚାୟତର ଗିମାଗଡିଆ ରାସ୍ତା ହିଁ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ବଟପାହି,ବାରମାଣିଆ, ଗିମାଗଡିଆ,ତିନୋଟି ଗାଁରେ ସମୁଦାୟ ତିନି ହଜାରରୁ ଉର୍ଦ୍ଧ ଲୋକେ ବସବାସ କରନ୍ତି। ପ୍ରାୟ ରାସ୍ତା ଭଲ ନଥିବାରୁ ଅନେକ ସମସ୍ୟା ତା ପରେ ମଧ ଏହି ରାସ୍ତା ନିର୍ମାଣ ନ ହେବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ନିର୍ବାଚନ ଆସିଲେ ନେତାମାନେ ରାସ୍ତା ତିଆରି ପ୍ରତିଶ୍ରୁତି ଦେଉଥିଲେ ବି ଆଜି ପର୍ଯ୍ୟନ୍ତ ଗିମାଗଡ଼ିଆ ଗ୍ରାମରେ ଠିକ୍ ରାସ୍ତା ତିଆରି ହୋଇ ପାରିନାହିଁ । ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ପରିସ୍ଥିତି। ଫଳରେ କଞ୍ଚା ଓ ଅଣ ଓସାରିଆ ରାସ୍ତାରେ ଯାତା ତାୟାତ କରୁଛନ୍ତି ତିନୋଟି ଗ୍ରାମବାସୀ। ଗ୍ରାମଟି ଆଦିବାସୀ ବହୁଳ ହୋଇଥିବା ଓ ବ୍ଲକର ଶେଷ ଏବଂ ଅତି କୋଣରେ ଥିବାରୁ ପ୍ରଶାସନ କିମ୍ବା ରାଜନେତାଙ୍କ କାହାରି ଦୃଷ୍ଟି ପଡ଼ିନଥିବା ଗ୍ରାମବାସୀ କ୍ଷୋଭର ସହିତ କହିଛନ୍ତି। ବାରମାଣିଆ ଗ୍ରାମରେ ଅଳ୍ପ କିଛି ରାସ୍ତା ୧୫ ବର୍ଷ ତଳେ କଂକ୍ରିଟ ହୋଇଥିଲା । ତେବେ ରକ୍ଷଣା ବେକ୍ଷଣ ଅଭାବରୁ ରାସ୍ତାଟି ଭାଙ୍ଗିରୁଜିଯିବା ସହ ଅଗମ୍ୟ ସହ ସତର୍କ ବହୁ ଜରାଜୀର୍ଣ୍ଣ ଅବସ୍ଥା ହୋଇପଡ଼ିଛି। ଖୁବଶୀଘ୍ର ରାସ୍ତା ନିର୍ମାଣ କରିବାକୁ କୁନା ହେମ୍ବ୍ରମ, ରାଜେଶ ମାଝୀ, ରାକେଶ ମାଝୀ, ମଦନ ବାସ୍କେ, ଗାଲୁ ହେମ୍ବ୍ରମ, ଚୈତନ୍ ଦାସ, ବାବୁ ପୋଇଡା , ଜଗା ଦାସ, ସ୍ନେହଲତା ବାସ୍କେ, ରାମ ହେମ୍ବ୍ରମ, ଅଜୟ ବେହେରା, ସୁଜୟ ଦାସ, କାଳିଆ ଦାସ, କାହ୍ନୁ ଚରଣ ବାସ୍କେ,ଦୁଲାଲ୍ ହାଁସଦା, ଲମ୍ବୁଧର ହେମ୍ବ୍ରମ୍, ପୂର୍ଣ୍ଣ ଚନ୍ଦ୍ର ହେମ୍ବମ୍, ଜିତେନ୍ଦ୍ର ଜେନା ପ୍ରମୁଖ ଜୋର ଦାବି କରିଛନ୍ତି ।

## ସାଂସଦଙ୍କୁ ନିୟମିତ ସ୍ୱାସ୍ଥ୍ୟ ଯାଂଚ କରିବା ପାଇଁ ପରାମର୍ଶ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୧/୩ (ନି.ପ୍ର): ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଶୁକ୍ରବାର ସଂସଦ ସଦସ୍ୟଙ୍କୁ ଏକ ଉଦାହରଣ ଦେବା ପାଇଁ ନିୟମିତ ଭାବେ ସ୍ୱାସ୍ଥ୍ୟ ଯାଂଚ କରିବାକୁ ଅପିଲ କରିଛନ୍ତି । ସେ କହିଛନ୍ତି ଯେ, ମେଦବହୁଳ ଓ ଜୀବନଶୈଳୀ ସହିତ ଜଡିତ ରୋଗ ନେତାଙ୍କୁ ବି ମାଡିବସୁଛି । ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ଲୋକସଭାରେ ପ୍ରଶ୍ନକାଳ ସମୟରେ ନିୟମିତ ସ୍ୱାସ୍ଥ୍ୟ ଯାଂଚର ଗୁରୁତ୍ୱକୁ ରେଖାଙ୍କିତ କରିଛନ୍ତି । ସେ କହିଛନ୍ତି ଯେ, ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁ ଆଜି ଆମେ ଅନେକ ପ୍ରକାରର ଅଣସଂଚାରୀ ରୋଗର ଶିକାର ହେଉଛୁ । ସେ କହିଛନ୍ତି ଯେ, ଇଣ୍ଡିଆନ୍ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ଅନୁସାରେ ଅଣସଂଚାରୀ ରୋଗର ଘଟଣା ୧୯୯୦ରେ ୩୭ ପ୍ରତିଶତରୁ ବୃଦ୍ଧି ପାଇ ୨୦୧୬ରେ ୬୧.୮ ପ୍ରତିଶତ ହୋଇଛି । ଏହା ଏକ ଗମ୍ଭୀର ଚିନ୍ତାର ବିଷୟ ଅଟେ ।

# ରମାକାନ୍ତ ରଥ ଥିଲେ ଓଡ଼ିଆ କାବ୍ୟାକାଶର ଉଜ୍ଜ୍ୱଳ ତାରକା

## ବହିଘର ଓ ବିଦ୍ୟାଭାରତୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ




ବାଲେଶ୍ୱର, ୨୧/୩ (ନି.ପ୍ର): କବି ରମାକାନ୍ତ ରଥ ଥିଲେ ଆଧୁନିକ ଓଡ଼ିଆ କାବ୍ୟାକାଶର ଉଜ୍ଜ୍ୱଳତମ ନକ୍ଷତ୍ର । ମୃତ୍ୟୁଚେତନାର ପ୍ରମୁଖ ରୂପକାର ରମାକାନ୍ତଙ୍କ ଲେଖନୀ ଶେଷ ପର୍ଯ୍ୟନ୍ତ ଥିଲା ସୃଜନକ୍ଷମ ଓ ତାଙ୍କର ସୃଷ୍ଟିଗୁଡିକ ଓଡ଼ିଆ କାବ୍ୟଭଣ୍ଡାରକୁ ବହୁଭାବରେ ସମୃଦ୍ଧ କରିଛି । ଅନେକ କୋଠରୀ, ସଚିତ୍ର ଅନ୍ଧାର, କେତେ ଦିନର, ସନ୍ଦିଗ୍ଧ ମୃଗୟା, ସପ୍ତମ ଋତୁ , ସୀମାନ୍ତବାସ, ନ ଯା' କହୁ କହୁ, ପବନରେ ଚିତ୍ରାଙ୍କନ, ଶ୍ରୀପଳାତକ, ସବୁଦିନେ ସେପାଖେ , ଫେରି ଚାହିଁଲା ବେଳକୁ, ଶ୍ରୀପଳାତକ ଓ ଶ୍ରୀରାଧା ଭଳି ଅନନ୍ୟ କବିତା ଓ କାବ୍ୟପୁସ୍ତକର ସ୍ରଷ୍ଟା ଶ୍ରୀରମାକାନ୍ତ ତାଙ୍କର 'ଶ୍ରୀରାଧା' ପାଇଁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିଲେ ବୋଲି ୨୧ ତାରିଖ ସନ୍ଧ୍ୟାରେ 'ବହିଘର ସଭାଗୃହ'ରେ ପ୍ରକାଶନ ପ୍ରତିଷ୍ଠାନ 'ବହିଘର' ଓ 'ବିଦ୍ୟାଭାରତୀ' ପକ୍ଷରୁ ଆୟୋଜିତ କବି ରମାକାନ୍ତ ରଥଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ କବିଙ୍କୁ ଶ୍ରଦ୍ଧା ନିବେଦନ କରି ଏହା କହିଥିଲେ । 'ବିଦ୍ୟାଭାରତୀ'ର ନିର୍ଦ୍ଦେଶକ ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କବି ଶ୍ରୀଦେବ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ସନ୍ତୋଷ ନାୟକ, ଗାଳ୍ପିକ ଉଦୟ ନାରାୟଣ ଦାସ, କବି ପ୍ରଶାନ୍ତ ଦାସ, କବି ଗଗନ ସେଠୀ, ସମାଜସେବୀ ଯାଦବେଶ ମିଶ୍ର, କବି ପୂର୍ଣ୍ଣଚନ୍ଦ୍ର ପଣ୍ଡା, କବି ଜୟନ୍ତ ହଂସରାଜ, ସିଦ୍ଧେଶ୍ୱର ବିନ୍ଧାଣୀ, ପ୍ରଣିତା ମିଶ୍ର, 'ବହିଘର' ନିର୍ଦ୍ଦେଶିକା ମଞ୍ଜୁଲତା ବଳ, ଦେବାଶିଷ ପଣ୍ଡା, ପଦ୍ମଲୋଚନ ଦତ୍ତ, ରିତେଶ ଦାସ , ତ୍ରିନାଥ ନନ୍ଦୀ ଏବଂ ଅର୍ଦ୍ଧେନ୍ଦୁ ଶେଖର ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧା-ଶଦାଞ୍ଜଳି ଜ୍ଞାପନ କରିଥିଲେ । ଶେଷରେ ଦେବାଶିଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଧାର ନାହିଁ ବୋଲି ନେଲେ ନାହିଁ ଆଡ଼ମିସନ: ପାଠପଢ଼ାରେ ଡ଼ୋରି ବାନ୍ଧିଲେ 'ମିନା'



ଉଦଳା , ୨୧/୩ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ଜାମବଣି ପଂଚାୟତ ଅନ୍ତର୍ଗତ ବଡ଼ାମପଦା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସମରାୟ ହାଁସଦାଙ୍କର କନ୍ୟା 'ମିନା' ଆଜକୁ ୨ ବର୍ଷ ଧରି ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ 'ମିନା' ବଡ଼ାମପଦାସ୍ଥିତ ପ୍ରାଥମିକ ବିଦ୍ୟାଳୟରୁ ୫ମଶ୍ରେଣୀ ପାସ କରିଛନ୍ତି । ପରେ ୬ଷ୍ଠ ଶ୍ରେଣିରେ ନାମ ଲେଖାଇବାକୁ ଯିବାରୁ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ମାଗିଲେ । 'ମିନା' ଆଧାର କାର୍ଡ଼ ଦେଖାଇ ନପାରିବାରୁ ଶିକ୍ଷକ ନାମ ଲେଖାଯାଇପାରିବ ନାହିଁ ବୋଲି ରୋକ ଠୋକ ମନା କରି ବିଦା କରିଦେଲେ । ଫଳରେ ଅନ୍ୟ କୌଣସି ଉପାୟ ନପାଇ 'ମିନା' ପାଠପଢ଼ାରେ ଡ଼ୋରି ବାନ୍ଧିଲେ । 'ମିନା'ଙ୍କୁ ବର୍ତ୍ତମାନ ବୟସ ୧୨ ବର୍ଷ ଛୁଇଁଲା । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ 'ମିନା'ଙ୍କ ପରି ବିଭିନ୍ନ କାରଣରୁ ବହୁସଂଖ୍ୟାରେ ପିଲା ବର୍ତ୍ତମାନ ମଧ ବିଦ୍ୟାଳୟ ବାହାରେ ଅଛନ୍ତି । ବିଭଗୀୟ କତୃପକ୍ଷ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହେଉଛି ।

# ଆଧ୍ୟାତ୍ମିକ ପୁସ୍ତକ 'ଭାବ ରାଇଜରେ ଶ୍ରୀଜଗନ୍ନାଥ' ଓ ଏକାଙ୍କିକା 'ଆମେ ଗଢ଼ିବା ସ୍ୱଚ୍ଛ ଭାରତ' ଉନ୍ମୋଚିତ

ଉଦଳା , ୨୧/୩ (ନି.ପ୍ର): ସାହିତ୍ୟିକ ପ୍ରଫୁଲ କୁମାର ଖିଲାରଙ୍କ ଲିଖିତ ଆଧ୍ୟାତ୍ମିକ ପୁସ୍ତକ ''ଭାବ ରାଇଜରେ ଶ୍ରୀଜଗନ୍ନାଥ' ଓ ଏକାଙ୍କିକା 'ଆମେ ଗଢ଼ିବା ସ୍ୱଚ୍ଛ ଭାରତ' ଚଳିତ ମାର୍ଚ୍ଚ ୧୬ ତାରିଖ ରବିବାର ଦିନ ଉନ୍ମୋଚିତ ହୋଇ ଯାଇଛି । ସ୍ଥାନୀୟ ସନ୍ଧାନଗୃହ ପରିସରରେ ଧ୍ୱନି ପ୍ରତିଧ୍ୱନି ପାଠକ ମଂଚ ଓ ଉଦଳା ସାହିତ୍ୟ ସଂସଦର ମିଳିତ ବାର୍ଷିକ ଉତ୍ସବ ପାଳନ ଅବସରରେ ଉକ୍ତ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିବାର ଜଣାଯାଇଛି । ଏହି ଉତ୍ସବରେ ଉଦଳା ଏନ୍.ଏ.ସି. ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଓ ଓଡ଼ିଶା ସାହିତ୍ୟ ଏକାଡ଼େମିର ପୂର୍ବତନ ସଦସ୍ୟ କାଳିପଦ ପଣ୍ଡା ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଧ୍ୱନି ପ୍ରତିଧ୍ୱନିର ସଂପାଦିକା ସୈରିନ୍ଧ୍ରୀ ସାହୁ ଓ ପରିଚାଳକ ସୃଷ୍ଟିଧର ପରିଡ଼ା, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଉଦଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଡ଼. କୁମାର ଗୋପାଳ ଓ ରେଡ଼ିଓ ବାଘାଯତିନର ନିର୍ଦ୍ଦେଶିକା ମିନତି ବିନ୍ଧାଣି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ପ୍ରଫୁଲ କୁମାର ଖିଲାର ସମ୍ପର୍କରେ ଓଡ଼ିଶାର ସୁନାମଧନ୍ୟ ସାହିତ୍ୟିକ ଚିନ୍ତାମଣି ବେହେରାଙ୍କ ଭଣଜା ଅଟନ୍ତି ।

## ଆୟୁଷ୍ମାନ ଆରୋଗ୍ୟ ଶିବିର

ଗଂଜାମ, ୨୧/୩ (ନି.ପ୍ର): ପିତଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେଂଦ୍ରରେ ମାର୍ଚ୍ଚ ମାସର ଆୟୁଷ୍ମାନ ଆରୋଗ୍ୟ ଶିବିର ଡାକ୍ତର ମାନସ ରଂଜନ ବିଷୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଯୋଗଦେଇଥିବା ମୋଟ୍ ୧୧୭ ଜଣ ରୋଗୀଙ୍କର ମାଗଣା ଚିକିତ୍ସା କରାଯାଇ ସ୍ୱାସ୍ଥ୍ୟ ପରାମର୍ଶ ସହ ଔଷଧ ବିତରଣ କରାଯାଇଛି ।

# ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମା' 'ପାନ': ନାତି ନାତୁଣିଙ୍କୁ ହଷ୍ଟେଲରେ ରଖି ଦେବାକୁ କଲେ ଗୁହାରି



ଉଦଳା , ୨୧/୩ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଚଢ଼ଦା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଭାଦ ବାସ୍କେଙ୍କର ଦେହାନ୍ତ ହୋଇଯିବା ଫଳରେ ଆଜକୁ ୮ ବର୍ଷ ଧରି ତାଙ୍କର ସହଧର୍ମିଣି ପାନ ବାସ୍କେ ବିଧବା ଜୀବନ ବିତାଇବା ସାଙ୍ଗକୁ ଦିନ ମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ବିଧବା ମା' ମାନଙ୍କୁ ସରକାର ସାମାଜିକ ସୁରକ୍ଷା ଯୋଜନାରେ ଯେଉଁ ଭତା ଯୋଗାଇ ଦେଉଛନ୍ତି ତାହା ପାଇବାରୁ 'ପାନ' ଏ ପର୍ଯ୍ୟନ୍ତ ବଂଚିତ ଅଛନ୍ତି । ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ଓ ଆଧାର କାର୍ଡ଼ ସବୁକିଛି ଠିକ୍ ଠାକ୍ ଥିବା ସତ୍ୱେ 'ପାନ' କାହିଁକି ଭତା ପାଇବାରୁ ବଂଚିତ ହେଲେ ତାହା ବର୍ତମାନ ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି କରିଛି । ଏତିକି ବେଳେ 'ପାନ' ଙ୍କର ନାତି ଓ ନାତୁଣି ଦୁଇଜଣ ପିଲାଟି ଦିନରୁ ମା' ଛେଉଣ୍ଡ ହୋଇଯିବା ଫଳରେ ତାଙ୍କ ଉପରେ ନିର୍ଭର କରୁଛନ୍ତି । ପରିବାରର ଆର୍ଥିକ ଅବସ୍ଥା ସ୍ୱଛଳ ନଥିବା ବେଳେକୁ ପୁଣି ନାତି ନାତୁଣିଙ୍କ ବୋଝ ଖୁବ୍ ଯନ୍ତ୍ରଣାଦାୟକ ହୋଇ ଉଠିଛି ବୋଲି 'ପାନ' କହିଛନ୍ତି । ନାତି ଓ ନାତୁଣିଙ୍କୁ କୌଣସି ହଷ୍ଟେଲରେ ରଖିଦେବାକୁ 'ପାନ' ଗୁହାରି ଜଣାଇଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

**CHANGE OF SURNAME**

I, Smt Sarita Mishra, aged about 48 years, D/o - Late Manoj Kumar Tripathy, W/o- Sri Shashikanta Mishra, resident of vill/ P.O.- Jamkunda, P.S.- Baliapal, Dist.- Balasore(Odisha), PIN- 756026, presently employed as Asst. Teacher (Level-V(a)) at Govt. Primary School, Badas, hereby formally notify that I have changed my surname from "Tripathy" to "Mishra", basing upon the surname of my husband vide Affidavit dt. 19.03.2025 sworn before Notary, K.C. Nandy, Regd. No. 37/94 for all legal purposes.

Smt. Sarita Mishra

**AFFIDAVIT**

An affidavit before the Executive Magistrate-Cum-Tahasildar, Remuna, I, Jayasmita Panigrahi, formerly called Jayasmita Parhi, Son/Daughter/Wife of Rabinarayana Parhi, permanent resident of Vill. - Ruagan, Po- Radhaballavpur, Via/ Ps- Basudevpur, Dist- Bhadrak, Odisha- 756125 hereby solemnly affirm and state that I wholly renounce, relinquish and abandon the use of my former name of Jayasmita Parhi and in place thereof assume the name of Jayasmita Panigrahi. I shall use and sign the name of Jayasmita Panigrahi hereafter in all records, deeds and writings and in all proceeding, dealing and transaction, private as well as public.

Jayasmita Panigrahi

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆମେରିକାର ମଧ୍ୟସ୍ଥତା....

ଆକ୍ରମଣ ଯୋଗୁଁ ଆକାଶରେ ବହୁ ଉଚ୍ଚ ପର୍ଯ୍ୟନ୍ତ ନିଆଁ ଓ ଧୂଆଁ ଦେଖିବାକୁ ମିଳିଛି । ନିକଟରେ ଥିବା କେତେକ ଘର ସହିତ ହସ୍ପିଟାଲ ଆଦି କ୍ଷତିଗ୍ରସ୍ତ ହୋଇଛି । ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ କିଛି ଦିନ ହେବ ଚାଲିଛି ଘନଘନ ଆଲୋଚନା। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଯୁଦ୍ଧ ବନ୍ଦ ପାଇଁ ଉଦ୍ୟମ ଜାରି ରଖିଥିଲେ । ଆଲୋଚନା ଭିତରେ ୟୁକ୍ରେନ ରୁଷ ଉପରେ କରିଛି ବଡ ଆକ୍ରମଣ । ୟୁକ୍ରେନର ଟାର୍ଗେଟରେ ଥିଲା ରୁଷର ଷ୍ଟ୍ରାଟେଜିକ୍ ବିମାନ ଘାଟି । ଆକ୍ରମଣରେ ଏହି ଘାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି ବୋଲି ୟୁକ୍ରେନର ଦାବି କରିଛି । ଆକ୍ରମଣ ଏତେ ଭୟଙ୍କର ଥିଲା ଯେ,୭୦୦କିମି ଦୂରରେ ଥିବା ରୁଷ୍ ଏୟାରବେସ୍ ନିଆଁ ଲାଗିଥିଲା ,ରୁଷ କହିଛି ୧୩୨ୟୁକ୍ରେନ ଡ୍ରୋନକୁ ନଷ୍ଟ କରାଯାଇଛି । ସାରାଟୋଭ୍ର ଗଭର୍ଣ୍ଣର କହିଛନ୍ତି, ଏଞ୍ଜେଲ୍ସ ସହରରେ ଡ୍ରୋନ୍ ମାଡ଼ ଫଳରେ ଏୟାରଫିଲ୍ଡରେ ନିଆଁ ଲାଗିଯାଇଥିଲା ଏବଂ ଆଖପାଖର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ।ଅନ୍ୟପଟେ ଚୁପ ବସିନି ରୁଷ, ୟୁକ୍ରେନକୁ ଜବାବ ଦେଇଛନ୍ତି ପୁଟିନ୍ । ସଂଧ୍ୟା ସମୟରେ ରୁଷ ୟୁକ୍ରେନର ପ୍ରମୁଖ ସହର ଉପରେ ବଡ ଧରଣର ଡ୍ରୋନ ଆକ୍ରମଣ କରିଛି । ରାଷ୍ଟ୍ରପତି ଜେଲେନସ୍କି ସୋସିଆଲ ମିଡିଆରେ ଲେଖିଛନ୍ତି, ଦୁଇଶହରୁ ଅଧିକ ଡ୍ରୋନ ଆକ୍ରମଣ କରିଛି ରୁଷ ଯେଉଁଥିରେ ଗାଇଡେଡ୍ ଏରିଆଲ ବୋମାର ବ୍ୟବହାର କରାଯାଇଥିଲା । ଓଡେସା, ଜାପୋରିଝିଆ, ସୁମି, କିଭ୍ କୁ ଟାର୍ଗେଟ କରିଛି ରୁଷ । ବଡ ବଡ ସପିଂ ମଲ ଓ କୋଠା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ବୋଲି ରାଷ୍ଟ୍ରପତି ଜେଲେନସ୍କି ସୂଚନା ଦେଇଛନ୍ତି । ୟୁକ୍ରେନର ଆକ୍ରମଣ ରୁଷ ଏୟାରବେସ ଉପରେ ପ୍ରଥମ ନୁହେଁ, ୟୁକ୍ରେନ ୨୦୨୨ରୁ ଆକ୍ରମଣ କରିଆସୁଛି । ସୂଚନା ଅନୁସାରେ ୟୁକ୍ରେନର ଡ୍ରୋନ ଆକ୍ରମଣ ସମୟରେ ଘାଟିରେ ଗାଇଡେଡ୍ ବମ୍ ଓ ମିସାଇଲ ରଖାଯାଇଥିଲା ଯେଉଁଥିପାଇଁ ୟୁକ୍ରେନ ଏହି ଘାଟିକୁ ଟାର୍ଗେଟ କରିଥିଲା । ପ୍ରତିଉତ୍ତରରେ ରୁଷ ମଧ କରିଛି କାଉଣ୍ଟର ଆଟାକ୍ ଆଉ ଲାଗୁଛି ଆଗକୁ ଏ ଯୁଦ୍ଧ ଉଗ୍ର ରୁପ ନେବ ।

### ହାଇକୋର୍ଟର ନୂଆ ମୁଖ୍ୟ...

ଜାନୁଆରୀ ୧୯ ତାରିଖରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ଅବସର ନେଇଥିଲେ ଜଷ୍ଟିସ ଚକ୍ରଧାରୀ ଶରଣ ସିଂ। ତା' ପରଠୁ ହାଇକୋର୍ଟର ସ୍ଥାୟୀ ମୁଖ୍ୟ ବିଚାରପତି ପଦ ଖାଲି ରହିଥିଲା । ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବରେ କାର୍ଯ୍ୟ ତୁଲାଉଛନ୍ତି । ତେବେ ଆହ୍ଲାବାଦ ହାଇକୋର୍ଟକୁ ତାଙ୍କର ବଦଳି ପାଇଁ କଲେଜିୟମ୍ ସୁପାରିଶ କରିଛନ୍ତି । ଏନେଇ କେନ୍ଦ୍ର ସରକାରଙ୍କ ମଞ୍ଜୁରୀକୁ ଅପେକ୍ଷା ରହିଛି । ୨୦୧୦ ଏପ୍ରିଲ ୧୩ରୁ ଜଷ୍ଟିସ ହରିଶ ଟଣ୍ଡନ କଲିକତା ହାଇକୋର୍ଟ ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ତାଙ୍କର ନିଯୁକ୍ତି ପାଇଁ ମାର୍ଚ୍ଚ ୬ ତାରିଖରେ ସୁପ୍ରିମକୋର୍ଟ କଲେଜିୟମ ସୁପାରିଶ କରିଥିଲେ ।

### ଆଜି ବି ଅଚଳ...

ଉପରେ ୭ ଦିନର ନିଲମ୍ବନ ଆଜି ଶେଷ ହୋଇଛି । ଆଜି ପୁଣିଥରେ ବିଧାନସଭାକୁ ଫେରିଥିଲେ ତାରା । ମୁଣ୍ଡିଆ ମାରି ଗୃହକୁ ପ୍ରବେଶ କରିଥିଲେ । ହେଲେ ଗୃହ ଆରମ୍ଭରୁ ଦେଖାଯାଇଥିଲା ପ୍ରବଳ ହୋହଲ୍ଲା ହଟ୍ଟଗୋଳ । ତାରା ବାହିନୀପତିଙ୍କ ସମେତ କଂଗ୍ରେସ ସଦସ୍ୟାମାନେ ନାରୀ ସୁରକ୍ଷା ଏବଂ ନାବାଳିକା ଗର୍ଭବତୀ ହେବା ପ୍ରସଙ୍ଗରେ ଘଣ୍ଟ ବଜାଇ ପ୍ରତିବାଦ କରିଥିଲେ । ବାଚସ୍ପତି ଗୃହକୁ ମୁଲତବି ଘୋଷଣା କରିବା ପରେ କଂଗ୍ରେସ ବିଧାୟକମାନେ ବିଧାନସଭାରୁ ବାହାରି ପ୍ରତିବାଦ ଜାରି ରଖିଛନ୍ତି । କଂଗ୍ରେସ ସଦସ୍ୟ କଳା ପୋଷାକ ପିନ୍ଧି ବିଧାନସଭା ପରିସରରେ ପରିକ୍ରମା କରିଛନ୍ତି । ଘଣ୍ଟଘଣ୍ଟା, ଗିନି, ପେଁକାଳୀ, ତୂରୀ ବଜାଇ ପ୍ରତିବାଦ କରୁଥିବା ଦେଖାଯାଇଛି । ତେବେ ବିଧାନସଭାରେ ଜୋରଦାର୍ ପ୍ରତିବାଦ ଆଜି ଦେଖିବେ ବୋଲି ନିଲମ୍ବନ ହଟିବା ପରେ ବିଧାନସଭାକୁ ପ୍ରବେଶ କରିବା ସମୟରେ କହିଥିଲେ କଂଗ୍ରେସ ନେତା ତାରା ବାହିନୀପତି ।

### ଆୟୁଷ୍ମାନ ଭାରତ ଯୋଜନା...

ସେହିପରି ମୃତ ସରକାରୀ କର୍ମଚାରୀଙ୍କ ପରିବାରକୁ ଚାକିରି ନେଇ ନିୟମ ସଂଶୋଧିତ ହୋଇଛି। ରାଜ୍ୟରେ ଚଳିତ ବର୍ଷ ଅପ୍ରେଲ୍ ପହିଲାରୁ ଆୟୁଷ୍ମାନ ଭାରତ ଯୋଜନା ଲାଗୁହେବ। ପ୍ରଧାନମନ୍ତ୍ରୀ-ଗୋପବନ୍ଧୁ ଜନ ଆରୋଗ୍ୟ ସଂଯୁକ୍ତ ଯୋଜନାର ଶୁଭାରମ୍ଭ ହେବ। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୬୭ ଲକ୍ଷ ୮୦ ହଜାର ପରିବାର ହେବେ ଉପକୃତ। ସେହିପରି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୩୫ ଲକ୍ଷ ୮୪ ହଜାରରୁ ଅଧିକ ପରିବାର ଉପକୃତ ହେବେ। ବ୍ୟକ୍ତିଗତ ଭାବେ ୩.୪୬ କୋଟିରୁ ଅଧିକ ଲୋକ ଲାଭ ପାଇବେ। ଦୁଇଟି ଯୋଜନା ଓଡ଼ିଶାରେ ସଂଯୁକ୍ତ ଭାବରେ କାର୍ଯ୍ୟକାରୀ କରାଯିବ। ଦୁଇଟି ଯୋଜନା ପାଇଁ ପ୍ରତ୍ୟେକ ହିତାଧିକାରୀଙ୍କୁ ଗୋଟିଏ କାର୍ଡ ଯୋଗାଇ ଦିଆଯିବ।

### ବନ୍ଦ ହେବ ନାହିଁ ବ୍ୟାଙ୍କ...

ଫୋରମ ଅଫ୍ ବ୍ୟାଙ୍କ ୟୁନିଅନ୍ସ । ବ୍ୟାଙ୍କିଂ କ୍ଷେତ୍ରରେ ୫ ଦିନର କାର୍ଯ୍ୟ ସପ୍ତାହ ପାଇଁ ଦାବି କରାଯାଇଥିଲା । ସମସ୍ତ କ୍ୟାଡରରେ ପର୍ଯ୍ୟାପ୍ତ ନିଯୁକ୍ତି, ଅସ୍ଥାୟୀ କର୍ମଚାରୀଙ୍କ ନିଯୁକ୍ତିକୁ ନିୟମିତ କରିବାକୁ ଦାବି କରାଯାଇଥିଲା।

### ନିଆଁ ଖୋଲିଦେଲା...

କୋର୍ଟରୁମ୍ ବାହାରେ କରୁନଥିଲେ ତ ମାମଲାର ରଫାଦଫା ? ଏଭଳି ଅନେକ ପ୍ରଶ୍ନ ସାମ୍ନାକୁ ଆସୁଥିବା ବେଳେ, କଥା ଏତିକିରେ ସରିନି । ଜଜ୍ ?ଙ୍କ ଘରୁ କେତେ ଟଙ୍କା ମିଳିଛି ତାହା ସ୍ପଷ୍ଟ କରାଯାଇନଥିଲେ ବି, ଏହା ୧୫ କୋଟି ବୋଲି ଚର୍ଚ୍ଚା ହେଉଛି । ତେବେ ନଜର ପକାନ୍ତୁ, ନ୍ୟାୟପାଳିକା ଭିତରେ କାହିଁକି ଝଡ଼ ସୃଷ୍ଟି କରିଛି ଏହି ଘଟଣା ? ବିବାଦ ଘନେଇଛି ସୁପ୍ରିମକୋର୍ଟ କଲେଜିୟମର କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବକୁ ନେଇ। ଜଷ୍ଟିସ୍ ୟଶୱନ୍ତ ବର୍ମାଙ୍କୁ ତାଙ୍କ ପ୍ୟାରେଣ୍ଟ କୋର୍ଟ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରିବାକୁ ବିଚାର କରୁଛି। ଚିଫ୍ ଜଷ୍ଟିସ୍ ଅଫ୍ ଇଣ୍ଡିଆ ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ କଲେଜିୟମର ଏହି ପ୍ରସ୍ତାବକୁ, ତୀବ୍ର ବିରୋଧ କରିଛି ଆହ୍ଲାବାଦ ହାଇକୋର୍ଟ ବାର୍ ଆସୋସିଏସନ୍ । ଆମେ ଟ୍ରାଶ୍-ବିନ୍ ବା ଆବର୍ଜନା କୁଣ୍ଡ ନୁହେଁ ବୋଲି ଦର୍ଶାଇ ଆହ୍ଲାବାଦ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଛି । ଅନ୍ୟ ବରିଷ୍ଠ ଆଇନଜୀବୀ, ଏପରିକି ପୂର୍ବତନ ବିଚାରପତି ମଧ ତାଙ୍କୁ କାହିଁକି ପଦରୁ ହଟାଗଲାନି ବୋଲି ଆଶ୍ଚର୍ଯ୍ୟପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି ଯେ, ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ଏକ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ କରିଛନ୍ତି । ଆଜି ସେ ସିଜେଆଇଙ୍କୁ ତାଙ୍କ ରିପୋର୍ଟ ଦେବେ । ଏହା ବାଦ୍, ସୁପ୍ରିମକୋର୍ଟ କଲେଜିୟମର ବଦଳି ପ୍ରସ୍ତାବକୁ ନେଇ ସୁପ୍ରିମକୋର୍ଟ କନସଲ୍ଟି ଜଜ୍ ମାନଙ୍କୁ, ଘଟଣା ସଂପର୍କିତ ହାଇକୋର୍ଟ ଚିଫ୍ ଜଷ୍ଟିସ୍ ମାନଙ୍କୁ ଏବଂ ଜଷ୍ଟିସ୍ ବର୍ମାଙ୍କୁ ଚିଠି ଲେଖିଛି । ସେମାନଙ୍କ ଉତ୍ତର ହସ୍ତଗତ ହେବା ପରେ କଲେଜିୟମ ପ୍ରସ୍ତାବ ପାରିତ କରିବ । ସୂଚନାଯୋଗ୍ୟ ଯେ, କୌଣସି ହାଇକୋର୍ଟ ବିଚାରପତି ଦୁର୍ନୀତିଗ୍ରସ୍ତ ବୋଲି ଜଣାପଡ଼ିଲେ, ସିଜେଆଇ ତାଙ୍କୁ ଇସ୍ତଫା ଦେବାକୁ କହିପାରିବେ, ପଦରୁ ହଟାଇପାରିବେ କିମ୍ବା ସଂସଦକୁ ଏଥିପାଇଁ ସୁପାରିଶ କରିପାରିବେ । ୧୯୯୨ରେ ଆଇନଜୀବୀ, ୨୦୧୬ରେ ଆହ୍ଲାବାଦ ହାଇକୋର୍ଟ ଜଜ୍ ଏବଂ ୨୦୨୧ରେ ଦିଲ୍ଲୀ ହାଇକୋର୍ଟ ଜଜ୍ ବନିଥିଲେ ଜଷ୍ଟିସ୍ ୟଶୱନ୍ତ ବର୍ମା । ସେ ଦିଲ୍ଲୀ ହାଇକୋର୍ଟର ଦ୍ୱିତୀୟ ବରିଷ୍ଠ ଜଜ୍ ଥିଲେ ଏବଂ ସେଲ୍ସ ଟ୍ୟାକ୍ସ ଓ ଜିଏସ୍‌ଟି ଆଦି ମାମଲା ସଂପର୍କିତ ଡିଭିଜନ୍ ବେଞ୍ଚର ମୁଖ୍ୟ ଥିଲେ। ତେବେ ଘଟଣା ସଂପର୍କରେ ତାଙ୍କର ପ୍ରତିକ୍ରିୟା ସାମ୍ନାକୁ ଆସିନଥିବା ବେଳେ, ସେ ଛୁଟିରେ ଥିବା ସୂଚନା ମିଳିଛି ।

### ବାଲିଯାତ୍ରାକୁ ଐତିହ୍ୟ ...

ନେଇ କମିଟି ଗଠନ ପାଇଁ ପଦକ୍ଷେପ ନିଆଯିବ। ରାଜ୍ୟ ସରକାର ୟୁନିସ୍କୋର ପ୍ରକ୍ରିୟା ଅନୁଯାୟୀ ନୌବାଣିଜ୍ୟ ଇତିହାସ ଓ ବାଲିଯାତ୍ରା ଉପରେ ଦସ୍ତାବିଜ ତଥା ପ୍ରାମାଣିକ ତଥ୍ୟ ସଂଗ୍ରହ କରୁଛନ୍ତି। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଅନୁମୋଦିତ ପ୍ରଣାଳୀ ଅନୁଯାୟୀ ପ୍ରାମାଣିକ ଚିତ୍ର ପ୍ରସ୍ତୁତ କରି ୟୁନିସ୍କୋରେ ଉପସ୍ଥାପନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି।

### କର୍ଣ୍ଣାଟକ ବିଧାନସଭାରୁ ...

ବିଧାନସଭାରୁ ଛଅ ମାସ ପାଇଁ ନିଲମ୍ବିତ କରିଛନ୍ତି। କର୍ଣ୍ଣାଟକ ସରକାରଙ୍କ ଜଣେ ମନ୍ତ୍ରୀ ଏବଂ ଅନ୍ୟ ରାଜନେତାଙ୍କ ସହ ଜଡିତ 'ହନି-ଟ୍ରାପ୍' ମାମଲାରେ ବିରୋଧୀ ନେତାମାନେ ଜଣେ କାର୍ଯ୍ୟରତ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି କରିଥିଲେ। ଶୁକ୍ରବାର ଦିନ, ବିଜେପି ବିଧାୟକମାନେ ଗୃହର କୂଅ ସାମ୍ନାକୁ ଆସି କାଗଜପତ୍ର ଚିରି ହଙ୍ଗାମା କରିଥିଲେ। ଏହାପରେ ବିଧାନସଭାର କାର୍ଯ୍ୟରେ ବାଧା ସୃଷ୍ଟି କରିବା ପାଇଁ ୧୮ ଜଣ ବିଜେପି ବିଧାୟକଙ୍କୁ ଛଅ ମାସ ପାଇଁ ନିଲମ୍ବିତ କରିବା ପାଇଁ ଆଜି ଏକ ବିଲ୍ ପାରିତ ହୋଇଛି। ଏହି ବିଲ୍ କୁ କର୍ଣ୍ଣାଟକ ଆଇନ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଚ୍.କେ. ପାଟିଲ ଆଗତ କରିଥିଲେ। ବିଧାନସଭାରୁ ଛଅ ମାସ ପାଇଁ ନିଲମ୍ବିତ କରିଛନ୍ତି। କର୍ଣ୍ଣାଟକ ସରକାରଙ୍କ ଜଣେ ମନ୍ତ୍ରୀ ଏବଂ ଅନ୍ୟ ରାଜନେତାଙ୍କ ସହ ଜଡିତ 'ହନି-ଟ୍ରାପ୍' ମାମଲାରେ ବିରୋଧୀ ନେତାମାନେ ଜଣେ କାର୍ଯ୍ୟରତ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି କରିଥିଲେ। ଶୁକ୍ରବାର ଦିନ, ବିଜେପି ବିଧାୟକମାନେ ଗୃହର କୂଅ ସାମ୍ନାକୁ ଆସି କାଗଜପତ୍ର ଚିରି ହଙ୍ଗାମା କରିଥିଲେ। ଏହାପରେ ବିଧାନସଭାର କାର୍ଯ୍ୟରେ ବାଧା ସୃଷ୍ଟି କରିବା ପାଇଁ ୧୮ ଜଣ ବିଜେପି ବିଧାୟକଙ୍କୁ ଛଅ ମାସ ପାଇଁ ନିଲମ୍ବିତ କରିବା ପାଇଁ ଆଜି ଏକ ବିଲ୍ ପାରିତ ହୋଇଛି। ଏହି ବିଲ୍ କୁ କର୍ଣ୍ଣାଟକ ଆଇନ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଚ୍.କେ. ପାଟିଲ ଆଗତ କରିଥିଲେ। ଶୁକ୍ରବାର ଦିନ, ବିଜେପି ବିଧାୟକମାନେ ଗୃହର କୂଅ ସାମ୍ନାକୁ ଆସି କାଗଜପତ୍ର ଚିରି ହଙ୍ଗାମା କରିଥିଲେ। ଏହାପରେ ବିଧାନସଭାର କାର୍ଯ୍ୟରେ ବାଧା ସୃଷ୍ଟି କରିବା ପାଇଁ ୧୮ ଜଣ ବିଜେପି ବିଧାୟକଙ୍କୁ ଛଅ ମାସ ପାଇଁ ନିଲମ୍ବିତ କରିବା ପାଇଁ ଆଜି ଏକ ବିଲ୍ ପାରିତ ହୋଇଛି। ନିକଟରେ, କର୍ଣ୍ଣାଟକରେ ଏକ ହାଇ-ପ୍ରୋଫାଇଲ୍ ହନି ଟ୍ରାପ୍ ମାମଲା ଚର୍ଚ୍ଚାକୁ ଆସିଛି, ଯାହା ରାଜ୍ୟର ରାଜନୀତିକୁ ହଲଚଲ କରିଦେଇଛି। ଏହି ଘଟଣାଟି ସେତେବେଳେ ଜଣାପଡ଼ିଲା ଯେତେବେଳେ କର୍ଣ୍ଣାଟକର ସମବାୟ ମନ୍ତ୍ରୀ କେ.ଏନ୍. ରାଜନ୍ନା ବିଧାନସଭାରେ ପ୍ରକାଶ କରିଥିଲେ ଯେ କେବଳ ସେ ହନିଟ୍ରାପରୁ ରକ୍ଷା ପାଇ ଥିଲେ ବି ବରଂ ଅନ୍ୟ ୪୮ ଜଣ ରାଜ୍ୟ ନେତା, ବିଧାୟକ ଏବଂ କେନ୍ଦ୍ରୀୟ ନେତା ମଧ ଏପରି ଫାଶର ଶିକାର ହୋଇଛନ୍ତି।

ଶନିବାର, ମାର୍ଚ୍ଚ ୨୨, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ବ୍ରାଉନ ସୁଗାର ଜବତ: ଜଣେ ଗିରଫ


ଦାତା ସମ୍ମିଳନୀ ରେ ଜଳେଶ୍ୱର ଆଇଆଇସି ଜୟନ୍ତ ବେହେରା, ଜଳେଶ୍ୱର ଏସଡିପିଓ ଦିଲ୍ଲିପ ସାହୁ ଏବଂ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏ ନେଇ ଜଳେଶ୍ୱର ଥାନାରେ ୧୫୮/୨୫ ମାମଲା ରହିଛି।

ଜଳେଶ୍ୱର , ୨୧/୩ (ନି.ପ୍ର): ବ୍ରାଉନ ସୁଗାର ମାଫିଆ ଙ୍କ ପେଣ୍ଠସ୍ଥଳୀ ପାଲଟିଛି ଜଳେଶ୍ୱର ସହର। ପୋଲିସ ଦ୍ୱାରା ଯେତେ ରେଡ୍ ହେଲେ ମଧ୍ୟ ବନ୍ଦ କୌଣସି ପ୍ରଭାବ ପଡୁନାହିଁ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପୋଲିସ ବିଶେଷ ସୂତ୍ର ରୁ ଖବର ପାଇ ଆଜି ଜଳେଶ୍ୱର ଏସଡିପିଓ ଦିଲୀପ ସାହୁ ଙ୍କ ନିର୍ଦ୍ଦେଶକ୍ରମେ ଏକ ଆଜି ଦିନ ଅଢ଼େଇଟା ସମୟ ରେ ୬୦ ନୋ ରାଜପଥ ଅଗ୍ରଓ୍ୱାଲା ଛକ ପାଖରେ ଜଳେଶ୍ୱର ପୋଲିସ ମାଡ଼ି ଉକ୍ତ ଯୁବକ ଙ୍କୁ ମାଡ଼ି ବସିଥିଲା । ଉକ୍ତ ଯୁବକ ଙ୍କ ଠାରୁ ୨୬୦ ଗ୍ରାମ ବ୍ରାଉନ ସୁଗାର ଯାହାର ଆନୁମାନିକ ମୂଲ୍ୟ ଚବିଶ ଲକ୍ଷ୍ୟ ଟଙ୍କା, ଏକ ନମ୍ବର ବିହୀନ ୟାମାହା କମ୍ପାନୀ ମୋଟର ସାଇକଲ ,ଏବଂ ଭିଭ କମ୍ପାନୀ ର ଏକ ମୋବାଇଲ ,୧୩୦୦ ଟଙ୍କା କେସ , ଏକ ପାସବୁକ୍, ୫ଟି ଏଟିଏମ କାର୍ଡ ସୁଗାର୍ ଜବତ କରିଛି । ଏହି ଯୁବକ ଙ୍କ ଘର ଜଳେଶ୍ୱର ରାଜପୁର ଅଞ୍ଚଳ ର ବୋଲି ସୂଚନା ମିଳିଛି। ଯୁବକ ଙ୍କ ବୟସ ୨୮ ବର୍ଷ। ଗିରଫ ଯୁବକ ଙ୍କ ବାପା ମଧ୍ୟ ଏହି କାରବାର ରେ ସଂପୃକ୍ତି ହୋଇ ଥାନା ରେ ମଧ୍ୟ ମାମଲା ରହିଛି । ଏହି ଖବରଦାତା ସମ୍ମିଳନୀ ରେ ବାଲେଶ୍ୱର ଏସପି ରାଜ ପ୍ରସାଦ ସୂଚନା ଦେଇଥିଲେ। ଏହି ଖବର

## 'ମୁଁ ଓଡିଆ'ର ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ



ଭଦ୍ରକ, ୨୧/୩ (ନି.ପ୍ର): 'ମୁଁ ଓଡ଼ିଆ ମୋ ଭାଷା ବଢିଆ'। ବାସ୍ତବରେ ଯେତେ ଭାଷା ଅଛି ଏ ବିଶ୍ୱରେ, ଯେତେ ଶବ୍ଦ ଅଛି ହୃଦୟରେ, ଯେତେ କଥା ଅଛି ଭାବନାରେ ସବୁଠାରୁ ବଢିଆ ମୋ ଭାଷା ଓଡ଼ିଆ। ଏହି ଶବ୍ଦ ଆଜି ପ୍ରତ୍ୟେକ ଓଡ଼ିଆଙ୍କର ଜୀବନରେ ଏକମାତ୍ର ଧେୟ ହେବା ଉଚିତ୍। ତେବେ ଯାଇ ଓଡ଼ିଶା ରାଜ୍ୟ ଗଠନରେ ଶ୍ରମଦାନ କରିଥିବା ଏ ଜାତିକୁ ସମଗ୍ର ବିଶ୍ୱରେ ବଳିଷ୍ଠ ଯୋଦ୍ଧାର ପରିଚୟ ଦେଇଥିବା ମହାପୁରୁଷମାନଙ୍କର ସ୍ୱପ୍ନ ସାକାର ହେବ। ଏବଂ ଓଡ଼ିଆ ଅସ୍ମିତାର ପ୍ରତୀକ ଶ୍ରୀ ଜଗନ୍ନାଥଙ୍କ ମହିମା ବିଶ୍ୱବିଦିତ ହୋଇପାରିବ। ଦେଶ ତଥା ବିଦେଶରେ ରହୁଥିବା ପ୍ରତ୍ୟେକ ଓଡ଼ିଆମାନେ ସ୍ୱାଭିମାନରେ କହିବେ 'ମୁଁ ଓଡ଼ିଆ ମୋ ଭାଷା ବଢିଆ'। ବିଶ୍ୱର କୋଣାନୁକୋଣରେ ରହୁଥିବା ପ୍ରତ୍ୟେକ ଓଡ଼ିଆ ଏଭଳି ଏକ ଅନୁଷ୍ଠାନର ଛତ୍ରଛାୟା ତଳେ କାୟମନୋବାକ୍ୟରେ ଏକ ହୋଇ ରହିଲେ ଓଡିଆ ଭାଷା ସମୃଦ୍ଧ ହୋଇପାରିବ ବୋଲି ଆଜି 'ମୁଁ ଓଡ଼ିଆ' ଅନୁଷ୍ଠାନର ପ୍ରସ୍ତୁତି ବୈଠକରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଓଡିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ଅଧକ୍ଷତାରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିକଟସ୍ଥ ଗୁରୁଜ୍ଞାନ ଏକାଡେମୀ ପରିସରରେ ଜିଲାସ୍ତରୀୟ ଏହି ପ୍ରସ୍ତୁତି ବୈଠକରେ ବିଭୂତି ଭୂଷଣ ସେନାପତି ମୁଖ୍ୟଅତିଥି, କାର୍ତିକ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ବକ୍ତା, ଅରୁଣ କୁମାର ମଲ୍ଲିକ, ଜାନକୀ ପାଢୀ, ପ୍ରମୋଦ ରାୟ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଡାକ୍ତର କିରଣ ଚନ୍ଦ୍ର ଗୁଇଁ, ପ୍ରଦୀପ କୁମାର ଜେନା, ପ୍ରଶାନ୍ତ କୁମାର ମହଲ, ଅଧାପକ ସିଦ୍ଧେଶ୍ୱର ସାହୁ, ପ୍ରଶାନ୍ତ କୁମାର ତ୍ରିପାଠୀ, ଅଶୋକ କୁମାର ଖିଲାର, ସଂଯୁକ୍ତା ବଳ, ଦମୟନ୍ତୀ ରାଉତ, ଶ୍ରଦ୍ଧାଞ୍ଜଳି ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଅଂଶଗ୍ରହଣ କରି ଓଡ଼ିଆ ଭାଷା ଉପରେ ନିଜ ନିଜର ମତ ଓ ମନ୍ତବ୍ୟ ରଖିଥିଲେ। ଆଜିର ବୈଠକରେ ଭଦ୍ରକ ଜିଲାର ସମସ୍ତ ବ୍ଲକ୍‌ରୁ ଭାଷା ସାହିତ୍ୟ, ଗବେଷକ, ବୁଦ୍ଧିଜୀବୀମାନଙ୍କୁ ନେଇ ଏକ କୋର କମିଟି ଗଠନ କରାଯିବା ସହିତ ଓଡ଼ିଶାର ପ୍ରତ୍ୟେକ ଜିଲାରେ 'ମୁଁ ଓଡ଼ିଆ' ପକ୍ଷରୁ ଜିଲାସ୍ତରୀୟ କୋର କମିଟି ଗଠନ କରାଯାଇ ଓଡ଼ିଶା ସମେତ ଦେଶର ପ୍ରତ୍ୟେକ ରାଜ୍ୟରେ ରାଜ୍ୟସ୍ତରୀୟ 'ମୁଁ ଓଡ଼ିଆ' କମିଟି ଗଠନ କରାଯିବ ବୋଲି ସଭାପତି ସୂଚନା ଦେଇଥିଲେ। ଶେଷରେ ଶିକ୍ଷକ ପ୍ରଶାନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜସ୍ଥାନ- ୧୫ କୋଟିର ହେରୋଇନ୍ ଜବତ କଲା ବିଏସଏଫ

ବିକାନେର, ୨୧/୩ (ନି.ପ୍ର): ସେକ୍ଟର ହେଡକ୍ୱାର୍ଟର ସୀମା ସୁରକ୍ଷା ବଳ ବିକାନେର ଇଂଟେଲିଜେନ୍ସ ବ୍ରାଂଚର ସୂଚନା ଆଧାରରେ ପନ୍ଦର କୋଟି ଟଙ୍କାର ତିନି କିଲୋ ହେରୋଇନ ଜବତ କରିଛି । ଇଂଟେଲିଜେନ୍ସ ବ୍ରାଂଚର ସୂଚନା ଆଧାରରେ ଶୁକ୍ରବାର ୧୨ କେଏନଡି ଗ୍ରାମର ଚକ୍ର ୩ କେଏନଏମରେ ସୀମା ସୁରକ୍ଷା ବଳ ଦ୍ୱାରା ଅତିରିକ୍ତ ଗସ୍ତ ବୃଦ୍ଧି କରାଯାଇଛି, ଯେଉଁଥିରେ ତସ୍କର ନିଜ ଉଦ୍ଦେଶ୍ୟରେ ସଫଳ ହୋଇପାରିନି । ଡିଆଇଜି ଇଂଟେଲିଜେନ୍ସ ଯୋଧପୁର ବିଦୁର ଭାରଦ୍ୱାଜଙ୍କ ଦିଗଦର୍ଶନରେ ତାଙ୍କ ଟିମ୍ ପୂରା ଅଂଚଳରେ ସର୍ଚ୍ଚ ଅଭିଯାନ ଚଳାଇଥିଲେ । ସର୍ଚ୍ଚ ଅଭିଯାନ ସମୟରେ ୩ କେଏନଏମ ଅଂଚଳରେ ଗୋଟିଏ ୟେଲୋ ପ୍ୟାକେଟ୍ରେ ତିନି କିଲୋ ହେରୋଇନ୍ ଜବତ ହୋଇଛି।

## ୨୨ତମ ଜାତୀୟ ନାଟକ ମହୋତ୍ସବ : ୩ୟ ସନ୍ଧ୍ୟାରେ ହିନ୍ଦୀ ନାଟକ ରୁଦାଲି ମଞ୍ଚସ୍ଥ



ପାରାଦ୍ୱୀପ , ୨୧/୩ (ନି.ପ୍ର): ବନ୍ଦର ନଗରୀ ପାରାଦୀପର ଜୟଦେବ ସଦନ ଠାରେ କାନମାସ ଦ୍ୱାରା ଆୟୋଜିତ ୨୨ତମ ଜାତୀୟ ନାଟକ ମହୋତ୍ସବର ୩ୟ ସନ୍ଧ୍ୟାରେ ସୁମୁଖ ରଙ୍ଗ ମଣ୍ଡଳୀ, ନୂଆ ଦିଲ୍ଲୀର କଳାକାର ମାନେ ଅରବିନ୍ଦ ସିଂହଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ରୁଦାଲି ମଞ୍ଚସ୍ଥ କରିଥିଲେ । ରଦାଲି ଏକ ସାମାଜିକ ପ୍ରଥା ଯାହାକି ରାଜସ୍ଥାନ ରାଜ୍ୟରେ ଆରମ୍ଭ ହୋଇଥିଲା । ରଦାଲି ଶବ୍ଦଟି ଜଣେ ବୃତ୍ତିଗତ ଶୋକକାରିଙ୍କୁ ବୁଝାଏ, ସାଧାରଣତଃ ଜଣେ ମହିଳା, ଯିଏକି ଶବଦାହ ଏବଂ ଶୋକ ସମାରୋହ ସମୟରେ ଦୁଃଖ ପ୍ରକାଶ କରିବା ପାଇଁ ନିଯୁକ୍ତି ଦିଆଯାଏ । ଏହି କାହାଣୀର ମୁଖ୍ୟ ଚରିତ୍ର ହେଉଛି ଶାନିଚାରି ଯିଏ ଶନିବାର ଦିନ ଜନ୍ମ ଗ୍ରହଣ କରିଥିବାରୁ ଏବଂ ତାଙ୍କ ସହିତ କିଛି ସାଜସଜ୍ଜା ଥିବାରୁ ଏହି ନାମ ପାଇଥିଲେ - ସମାଜ ବିଶ୍ୱାସ କରେ ଯେ ସେ ଅସଗୁନି ତେଣୁ ତାଙ୍କ ପରିବାରରେ କେହି ବଞ୍ଚି ନାହାନ୍ତି । ସମୟ ଦ୍ୱାରା ପ୍ରତ୍ୟେକ ଜଣେ ଜଣେ ପ୍ରତିଭାଶାଳୀ ହୋଇଛନ୍ତି କିନ୍ତୁ ଶାନିଚାରୀଙ୍କ ଆଖି କେବେ ଓଦା ହୋଇନଥିଲା । ସେ କେବେ କାନ୍ଦି ନଥିଲେ, ତାଙ୍କ ପୁଅର ମୃତ୍ୟୁ ପରେ ମଧ୍ୟ ନୁହେଁ । କିନ୍ତୁ ଶେଷରେ ତାଙ୍କୁ ରୁଦାଲି ଭାବରେ କାମ କରିବାକୁ ପଡ଼ିଲା । ରଦାଲି ଜଣେ ଭଡ଼ାଟିଆ ମହିଳା ଯିଏ କଠିନ ପରିଶ୍ରମ କରି କାନ୍ଦନ୍ତି ଓ ଶୋକ କରନ୍ତି । ଚରିତ୍ର ଭାବରେ ଶାନିଚାରି ସେହି ଶ୍ରେଣୀର ପ୍ରତିନିଧିତ୍ୱ କରନ୍ତି ଯାହାର ବାଛିବାର ସ୍ୱାଧୀନତା ନାହିଁ, ନିର୍ଣ୍ଣୟ ନେବାର କୌଣସି ଉପାୟ ନାହିଁ କିନ୍ତୁ ସେ କେବେ ବି ଭାଙ୍ଗି ପଡନ୍ତି ନାହିଁ । ତାଙ୍କ ଜୀବନ ସମାଜର ନିମ୍ନ ବର୍ଗର ମହିଳା ଜୀବନର ବିଡମ୍ବନାକୁ ରେଖାକିନ୍ତ କରେ । ନାଟକଟି କଳା ସ୍ତରରେ ଏକ ସମ୍ପୂର୍ଣ୍ଣ ନାଟକ । ନାଟକରେ କଳାକାର ମାନଙ୍କର ଅଭିନୟ ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲା । ଏହି ଅବସରରେ ଅତିଥି ଭାବେ ଯୋଗଦାନ କରି ବନ୍ଦରର ଅର୍ଥ ପରାମର୍ଶଦାତା ଧର୍ମେନ୍ଦ୍ରନଥ ସୋନ୍ଧି, କୋଷ୍ଟଗାର୍ଡ ଡିଆଇଜି ସଞ୍ଜୟ ନେଗି ଓ ଏମଏନଏସର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁରେଶ ଜି ନାଟକ ଉପରେ ମତାମତ ରଖିବା ସଙ୍ଗେ ସଙ୍ଗେ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ । ୪ର୍ଥ ସନ୍ଧ୍ୟାରେ ଲୋକର୍ଧର୍ମି, କେରଳର କଳାକାର ମାନେ ଡକ୍ଟର ଚନ୍ଦ୍ରଦାସନଙ୍କ ନିର୍ଦ୍ଦେଶନାରେ ମାଲୟାଲମ୍ ନାଟକ ଦ ବୋଟ ବୟ ଏବଂ ଦ ଲୁ, ପଦମପୁର ଜଗନ୍ନାଥ ସେଠଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ନାଟକ ରଙ୍ଗଭୂମି ମଞ୍ଚସ୍ଥ କରିବେ ।

## ବିଶ୍ୱ ବନଦିବସ ପାଳିତ

ନୀଳଗିରି , ୨୧/୩ (ନି.ପ୍ର): ବିଶ୍ୱ ବନଦିବସ ଉପଲକ୍ଷେ ଶୁକ୍ରବାର ଔପଦା ବ୍ଲକ୍ ପଞ୍ଚଲିଙ୍ଗେଶ୍ୱର ନୋଡାଲ ଉଚ୍ଚବିଦ୍ୟାଳୟ ଠାରେ 'ବିଶ୍ୱ ବନଦିବସ' ପାଳିତ ହୋଇଯାଇଛି। ଆୟୋଜିତ ଆଲୋଚନାଚକ୍ରରେ ଚଳିବର୍ଷର ଥିମ୍ 'ଜଙ୍ଗଲ ଓ ଖାଦ୍ୟ'ଶୀର୍ଷକ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଜଙ୍ଗଲର ଭୂମିକା, ସଂରକ୍ଷଣ, ଜଙ୍ଗଲ ନିଆଁ ନିୟନ୍ତ୍ରଣ, ପଶୁପକ୍ଷୀଙ୍କ ଅବାଧ ଶିକାର ରୋକିବା, ଜଙ୍ଗଲ ସଂରକ୍ଷଣରେ ଆଦିବାସୀଙ୍କ ଭୂମିକା ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା କରାଯିବା ସହିତ ନୂତନ ଜ୍ଞାନକୌଶଳ ପ୍ରୟୋଗକରି କିପରି ଜଙ୍ଗଲ ସୃଷ୍ଟି କରାଯାଇପାରିବ ତାହା ଉପରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦିଆଯାଇଥିଲା। ବିଶେଷକରି ଯୁବପିଢୀ ମାନେ ଜଙ୍ଗଲ ସୁରକ୍ଷାପ୍ରତି ଯତ୍ନବାନ ହେବାକୁ ବିକାଶସାଥୀର ସମ୍ପାଦକ ଡଃ ବିଶ୍ୱଜିତ୍ ପଣ୍ଡା , ପରିବେଶବିତ ମନୋରଞ୍ଜନ ଦାସ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ ଓ ସହକାରୀ ଶିକ୍ଷକ ରଣଜିତ ପରିଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଲଘୁ ଖଣିଜ ଦ୍ରବ୍ୟ ଉପରେ ପୋଲିସର ଚଢାଉ: ନିର୍ମାଣ କାର୍ଯ୍ୟ ଠପ୍: ଚିନ୍ତାରେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ

ବାଲିଆପାଳ , ୨୧/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ଲଘୁଖଣିଜ ଦ୍ରବ୍ୟ (ବାଲି, ମେଟାଲ, ମୋରମ) ବୋଝେଇ ଟ୍ରାକ୍ଟରକୁ ପୁଲିସ ଚଢଉ କରି ଜବତ କରି ସଙ୍ଗେ ସଙ୍ଗେ କୋର୍ଟ ଚାଲାଣ କରୁ ଥିବାରୁ ରାସ୍ତା ଘାଟରେ ଆଉ ଟ୍ରାକ୍ଟର ଦେଖିବାକୁ ମିଳୁନାହିଁ । । ପୂର୍ବରୁ ରାଜସ୍ୱ ଓ ଖଣି ବିଭାଗ ପକ୍ଷରୁ କାଁ ଭାଁ ଚଢ଼ଉ ହେଉଥିଲା ସେତେବେଳେ ତତ୍କାଳ ଜୋରିମାନା ଆଦାୟ କରାଯାଉଥିବାରୁ ଟ୍ରାକ୍ଟରକୁ ଛାଡି ଦିଆଯାଉଥିଲା । କିନ୍ତୁ ଏବେ ପୁଲିସ ଚଢ଼ଉ କରୁଥିବାରୁ ଟ୍ରାକ୍ଟର ଗୁଡିକ ଥାନା, ଫାଣ୍ଡିରେ ଭର୍ତି ହୋଇ ରହିଛି । ତେବେ ଏହି ଚଢ଼ଉ ହେତୁ ଅନ୍ୟ ଟ୍ରାକ୍ଟର ମାଲିକ ମାନେ ଆଉ ଟ୍ରାକ୍ଟର ବାହାର କରୁନଥିବାରୁ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କାମ ଗୁଡିକ ଠପ ହୋଇଥିବା ଅଭିଯୋଗ ହେଉଛି । ଅନେକ ଲୋକ ଘର ତିଆରି କରୁଥିବାରୁ ବାଲି, ମେଟାଲ ନ ପାଇ ହତୋସାହ ତୋସାହ ହୋଇପଡ଼ିଛନ୍ତି । ଠିକା କାମ ଗୁଡିକରେ ମଧ୍ୟ ଅଚଳାବସ୍ଥା ଜାରି ରହିଛି । ଘର ତିଆରି କରୁଥିବା ଲୋକେ ଅଭିଯୋଗ କରୁଛନ୍ତି ଆଗକୁ ଗ୍ରୀଷ୍ମପ୍ରବାହ ଅଧିକ ହେବାକୁ ଥିବାରୁ ତା ପୂର୍ବରୁ ଘରକାମ ସାରିବା ପାଇଁ ସେମାନେ ଚେଷ୍ଟା କରୁଥିବାବେଳେ ବିଶେଷକରି କରି ବାଲି ମିଳୁନଥିବାରୁ ନିର୍ମାଣ କାମ ବଢ଼ିପାରୁନାହିଁ । ଖରାଦିନେ ପାଣି ର ଅଭାବ ଦେଖାଦେଇଥାଏ ତେଣୁ ସେତେବେଳେ ଘର ତିଆରି କରିବା ମୁସ୍କିଲ ବୋଲି ପ୍ରକାଶ କରିଛନ୍ତି । ରାଜ୍ୟସରକାର ଜନସାଧାରଣଙ୍କ ଅସୁବିଧା କୁ ଦୃଷ୍ଟିରେ ରଖି ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

## ତାଣ୍ଡବ ରଚିଲା କାଳ ବୈଶାଖୀ



ଜଳେଶ୍ୱର , ୨୧/୩ (ନି.ପ୍ର): ଓଡ଼ିଶା ରାଜ୍ୟ ପାଣିପାଗ କେନ୍ଦ୍ର ତରଫରୁ ମାର୍ଚ୍ଚ କୋଡିଏ ରୁ ଚବିଶ ପର୍ଯ୍ୟନ୍ତ କାଳବୈଶାଖୀ ହେବ ବୋଲି ସୂଚନା ଦେଇଥିଲା। ଫଳରେ ଆଜି ଅପରାହ୍ନ ୫ ଘଟିକା ସମୟ ରେ ଜଳେଶ୍ୱର ବ୍ଲକ୍ ଅଞ୍ଚଳ ରେ ତାଣ୍ଡବ ରଚିଥିଲା। ଫଳରେ ରାଇବଣିଆ ଅଞ୍ଚଳ ରେ ଖୁଆଡ, ଶ୍ୟାମନଗର , ବରଡିହା ଅଞ୍ଚଳରେ କାଳ ବୈଶାଖୀ ପ୍ରଭାବ ରେ ୮୦ ରୁ ଉର୍ଦ୍ଧ ପ୍ରବଳ ବେଗରେ ପବନ ବହିବା ସହିତ କୁଆପଥର ମାଡ଼ ହୋଇଥିଲା। ଫଳରେ ବଡବଡ ବୃକ୍ଷ ଉପଡ଼ିବା ସହିତ ଖରିଫ ଫସଲ ଧାନ ଉପରେ କୁଆ ପଥରମାଡ଼ ହେତୁ ଫସଲ ଉଜାଡି ଯାଇଛି ଦୁଧିଆସୋଲ ଗ୍ରାମର ଶାଶ୍ୱତୀ ବେରାଙ୍କର ବ୍ରୋଲର ଫାର୍ମ ସମେତ ବିଦ୍ୟୁତ୍ ଖୁଣ୍ଟି ଭାଙ୍ଗି ଲକ୍ଷାଧିକ୍ ଟଙ୍କାର କ୍ଷୟ କ୍ଷତି ହୋଇଛି ଠିକ୍ ସେହିପରି ରାଇବଣିଆ ଅଞ୍ଚଳର ଅନେକ କଚ୍ଚା ଘର ସଂପୂର୍ଣ୍ଣ ଭାବେ ଭାଙ୍ଗି ମାଟିରେ ମିଶି ଯାଇଛି।

## ଲକ୍ଷ୍ମୀ ବାସନ୍ତୀ ଆବାସିକ ବିଦ୍ୟାଳୟରେ ଅବିଭାବକ ଶିକ୍ଷକ ସଂଘ କର୍ମଶାଳା




ବସ୍ତା, ୨୧/୩ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଶା ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୁକ ଓ ବଧିର ଆବାସିକ ବିଦ୍ୟାଳୟ ରେ ଅବିଭାବକ ଓ ଶିକ୍ଷକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଆଶା ର ପ୍ରତିଷ୍ଠାତା ଓ ସମ୍ପାଦକ ଯୁବ ସମାଜସେବୀ ଶ୍ରୀଯୁକ୍ତ ଅମର କୁମାର ପାଳ ସଭାପତିତ୍ୱ କରି ଥିଲେ । ପୂର୍ବତନ ସମ୍ପାଦିକା ଶ୍ରୀମତୀ ମଞ୍ଜୁବତୀ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସାନଖୁଡି ସ୍କୁଲର ସି ଆର ସିସି ସଞ୍ଜୟକୁମାର ଗିରି ଉପସ୍ଥିତ ଥିଲେ । ସମ୍ପାଦକ ଶ୍ରୀଯୁକ୍ତ ପାଳ ଏହି ଦିବ୍ୟାଙ୍ଗ ପିଲାଙ୍କ ଉପରେ ଅଭିଭାବକ ମାନଙ୍କର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଉପଦେଷ୍ଟା ସିଆର ସିସି ଶ୍ରୀଯୁକ୍ତ ଗିରି ଦିବ୍ୟାଙ୍ଗ ପିଲାଙ୍କ ସମସ୍ତ ସରକାରୀ ସାହାଯ୍ୟ ସହଯୋଗ ତଥା ସେମାନଙ୍କର ଉତରତ୍ତର ଉନ୍ନତି ପାଇଁ ଅବି ଭାବକ ମାନେ ସଚେତନ ତା ଅବଲମ୍ବନ କରିବା ସହିତ ଅଗ୍ରଣୀ ଭାବେ ଜଡିତ ହେବା, ସେମାନଙ୍କର ଭୂମିକା ପିଲା ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଶିକ୍ଷକ ଶିକ୍ଷୟତ୍ରୀ ଅରୁଣ କୁମାର ଦାସ, ଚନ୍ଦନ କୁମାର ବିଶ୍ୱାଳ, ପ୍ରଦୀପ କୁମାର ସାହୁ, ଜୟଶ୍ରୀ ସ୍ୱାଇଁ, ଅଶୋକ କୁମାର ବିଶ୍ୱାଳ, ହର୍ଷବର୍ଦ୍ଧନ ଧଳ, ଅପର୍ଣ୍ଣା ରାଉତ, ହେମାଙ୍ଗିନୀ ମହାର୍ଣ୍ଣା, ଅଜୟ ଦଳାଇ, ଅଞ୍ଜୁରାଣୀ ଦାସ, ଗୌରାଙ୍ଗ ଚରଣ ଦାସ, ସନ୍ଧ୍ୟାରାଣୀ ବିଶ୍ୱାଳ ଏବଂ ପିଲାମାନଙ୍କର ଅଭିଭାବକ ମାନେ ଯୋଗ ଦେଇଥିଲେ । ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ସ୍ମିତାରାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା।

## ବାଲିଆପାଳରେ ଭିନ୍ନକ୍ଷମ ଶିବିର ପାଇଁ ପ୍ରସ୍ତୁତି ବୈଠକ




ବାଲିଆପାଳ , ୨୧/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ରେ ଆସନ୍ତା ୨୮ ତାରିଖ ଶୁକ୍ରବାର ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ବ୍ଲକ ସଭାଗୃହ ରେ ଅପରାହ୍ନ ୪ ଟା ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ନାୟକ, ଉପାଧକ୍ଷ ରାଜେଶ ଚୌଧୁରୀ,ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ଜିପିଡିଓ ପ୍ରିୟବ୍ରତ ଗିରି ଉପସ୍ଥିତ ଥିଲେ।ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ସକାଳୁ ୫ ଟାରୁ ପଞ୍ଜିକରଣ ଆରମ୍ଭ କରାଯିବା ସହିତ ଏହି ଶିବିରରେ କର୍ଣ୍ଣ,ନାଶା,ଗଳା ଜନିତ ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କୁ ପ୍ରସାଶନ ପକ୍ଷରୁ ନ ଆସିବା ପାଇଁ ଅନୁରୋଧ କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ଏପ୍ରିଲ ମାସ ଠାରୁ ପ୍ରତି ମାସ ପ୍ରତି ଗୁରୁବାର ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶେଷଜ୍ଞ ଡ଼ାକ୍ତର ମାନଙ୍କ ଦ୍ୱାରା ପରୀକ୍ଷା କରାଯାଇ ଉପଯୁକ୍ତ ପ୍ରମାଣ ପତ୍ର ପ୍ରଦାନ କରାଯିବାର ସୁଚନା ଦିଆଯାଇଛି। ବାଲିଆପାଳ ପ୍ରଶାସନ ପକ୍ଷରୁ ଏହି ଶିବିର କୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ ପରିଚାଳନା କରିଥିଲେ। ଏହି ବୈଠକ ରେ ପଞ୍ଚାୟତର ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ମାର୍ଚ୍ଚ ୨୬ରେ ଲୋକଙ୍କ ପାଇଁ ଖୋଲିବ ଟୁଲିପ୍ ଗାର୍ଡେନ

ଶ୍ରୀନଗର, ୨୧/୩ (ନି.ପ୍ର): ଡାଲ୍ ଲେକ୍ ଓ ପାହାଡ ମଧ୍ୟରେ ଥିବା ଏସିଆର ସବୁଠୁ ବଡ ଟୁଲିପ୍ ଗାର୍ଡେନ ମାର୍ଚ୍ଚ ୨୬ରେ କଶ୍ମୀର ଘାଟିରେ ପର୍ଯ୍ୟଟନ ସିଜିନର ଆରମ୍ଭକୁ ଚିହ୍ନିତ କରିବା ପାଇଁ ଲୋକଙ୍କ ପାଇଁ ଖୋଲିବ । ପ୍ରାୟ ୫୫ ହେକ୍ଟରରେ ବ୍ୟାପ୍ତ ଉଦ୍ୟାନରେ ପ୍ରାୟ ୧୭ ଲକ୍ଷ ଟୁଲିପ୍ ଫୁଲର ବୃକ୍ଷ ଲଗାଯାଇଛି । ଜମ୍ମୁ ଓ କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲା ଗାର୍ଡେନର ଉଦଘାଟନ କରିବେ । ଟୁଲିପ୍ ଗାର୍ଡେନର ଅଧିକାରୀ କହିଛନ୍ତି ଯେ, ଗାର୍ଡେନ ମାର୍ଚ୍ଚ ୨୬ରେ ଲୋକଙ୍କ ପାଇଁ ଖୋଲାଯିବ । ଉଦ୍ୟାନର ଉଦଘାଟନ ପ୍ରସ୍ତୁତି ଜୋରଦାର କରାଯାଇଛି ଏବଂ ଏବେ ଏହାର ଅନ୍ତିମ ରୂପ ଦିଆଯାଉଛି ।

**OFFICE OF THE NOTIFIED AREA COUNCIL: UDALA**
**UDALA, MAYURBHANJ, Odisha pin- 757041**

**QUOTATION CALL NOTICE**

Sealed quotations are invited from the Authorized Dealer/Supplier having GST registration Certificate for supplying of the various Sanitary Items for the FY. 2025-26 as per detail specification, terms & conditions in separate schedule which may be obtained from Office of the Udala NAC on any working days from 20.03.2025 to 29.03.2025 during Office hour on payment of cost of bid document of Rs. 500. in shape of cash deposit receipt of Udala NAC / Bank Draft drawn on any nationalised bank in favour of Executive Oficer, Udala NAC payable at Udala. The quotation should reach the undersigned on or before dt.03.04.2025 positively by 1 PM. The said quotation will be opened on same day at 3.00 P.M. The Supplier whose quotation will be accepted must have to deliver the sanitary items to this office at his own cost. The rate should be inclusive of all taxes. No quotations will be entertained after schedule date & time.

OIPR : 13162/11/0003/2425

**Executive Officer,**
**Udala N.A.C, Udala**

## ଦନ୍ତା ହାତୀ ଆକ୍ରମଣରେ ଯୁବକ ମୃତ

ଜଳେଶ୍ୱର , ୨୧/୩ (ନି.ପ୍ର): ଜଙ୍ଗଲ ଲୋପ ଯୋଗୁଁ ହାତୀ ମାନେ ବାସହରା ହେଉଛନ୍ତି । ଫଳରେ ହାତୀ ମାନେ ବାସହରା ହୋଇ ହାତୀପଲ ନିରାପତ୍ତା ଶୂନ୍ୟ ହୋଇ ଗାଁ ମୁହାଁ ହେଉଛନ୍ତି । ମଣିଷ ତାର ଶିକାର ହେଉଛି ତ କେତେବେଳେ ମଣିଷ ଦ୍ୱାରା ହାତୀ ଶିକାର । ଏହା ଏକ ଚିରାଚରିତ ପ୍ରଥା ହୋଇ ଗଲାଣି । ଜଙ୍ଗଲ ନଷ୍ଟ ହୋଇ ଅବାଧ ଗଛକଟା, ବାନଗ୍ନି, ଜଙ୍ଗଲ ଝରଣା ଶୁଖିଯିବା ଯୋଗୁଁ ସେମାନଙ୍କୁ ପେଟପୁରା ଖାଦ୍ୟ ପାନୀୟ ମିଳୁପାରୁ ନାହିଁ। ତେଣୁ ହାତୀ ପୋଲ ଏବେ ଗାଁ ମୁହାଁ। ସୂଚନା ଅନୁସାରେ ରାଇବଣିଆ ଅଞ୍ଚଳ ରେ ଦୀର୍ଘ ଦିନ ଧରି ହାତୀ ଆତଙ୍କ ଖେଳାଇ ଚାଲିଛି। ନିକଟରେ ମଙ୍ଗଳବାର ବିଳମ୍ବିତ ରାତି ସମୟ ପଶ୍ଚିମବଙ୍ଗ ପଟୁ ୫୫ଟି ହାତୀ ପୋଲ ଶ୍ୟାମନଗର ଦେଇ ଓଡ଼ିଶା ରେ ପ୍ରବେଶ କରିଥିଲେ। ଗୁରୁବାର ଏକ ଗୋଠଛଡ଼ା ଦନ୍ତାହାତୀ ଚାଲ୍ଲା ଛକ ଦେଇ ସୁବର୍ଣ୍ଣରେଖା ନଦୀ ପାରହୋଇ ୬୦ ନମ୍ବର ଜାତୀୟ ରାଜପଥ ଓ ରେଳ ଲାଇନ୍ ପାର ହୋଇ ସୁଗୋ ପଂଚାୟତ ବାଣୀଦା ଗ୍ରାମରେ ପହଞ୍ଚିଥିଲା। ଆଜି ଭୋର୍ ସମୟ ରେ ବାଣୀଦା ଗ୍ରାମର ସୂର୍ଯ୍ୟକାନ୍ତ ବାରିକ (୩୭)ତାଙ୍କ ଘର ଆଗରେ ଛିଡା ହୋଇଥିବା ସମୟରେ ହଠାତ୍ ହାତୀ ଆସି ତାଙ୍କୁ ସାମ୍ନାରେ ପାଇ ଦଳି ଦେଇଥିଲା ଫଳରେ ସ୍ଥାନୀୟ ଲୋକ ପାଟି କରିବାରୁ ତାଙ୍କୁ ହାତୀ ଛାଡ଼ି ପଳାଇଥିଲା ପରେ ସ୍ଥାନୀୟ ଲୋକ ମାନେ ଆହାତ ବ୍ୟକ୍ତିଙ୍କୁ ଜଳେଶ୍ୱର ହସ୍ପିଟାଲ ନେଇଥିଲେ କିନ୍ତୁ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରିଥିଲେ କିନ୍ତୁ ତାଙ୍କର ଦିନ ୧୧ଟା ସମୟରେ ମୃତ୍ ବରଣ କରିଥିଲେ। ଗତ ବର୍ଷ ମଧ୍ୟ କଳମା ପଂଚାୟତର ଜଣେ ଲୋକ ମଧ୍ୟ ହାତୀ ଆକ୍ରମଣରେ ମୃତୁ ବରଣ କରିଥିଲେ।ଗ୍ରାମ ର ସରପଂଚ ଜୟନ୍ତୀ ପରିଡା, ପଲ୍ଟୁ ଦାସ୍, ସଞ୍ଜୟ ମହାନ୍ତି ଶୋକ ବ୍ୟକ୍ତ କରିଛନ୍ତି।ଏ ନେଇ ଜଳେଶ୍ୱର ରେଞ୍ଜର ଜୟଶ୍ରି ମୁର୍ମୁ ଙ୍କୁ ପଚାରିବାରୁ ସେ କହିଥିଲେ ମୃତ ବ୍ୟକ୍ତି ଙ୍କ ପରିବାର କୁ ଅନୁକମ୍ପା ମୂଳକ ରାଶି ଛଅଲକ୍ଷ୍ୟ ଟଙ୍କା ଯୋଗେଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ। ଦନ୍ତା ହାତୀ ଟି ଏବେ ବାଣୀଦା ଗ୍ରାମ ରେ ଘୁରୀବୁଲୁଛି। ଏହାକୁ ରାଇବଣିଆ ଜଙ୍ଗଲକୁ ଘଉଡାଇବା ପାଇଁ ଜଳେଶ୍ୱର ବନ ବିଭାଗ ତରଫରୁ ରଞ୍ଜିତା ବିଶ୍ୱାଳ, ମୀନାରାଣୀ ବେହେରା ସହିତ ବନ୍ୟକର୍ମଚାରୀ ଉପସ୍ଥିତ ଥିଲେ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Editor: Sairindhree Sahoo
❒ Managing & Executive Editor : Srustidhar Parida